KOSHALA PRABAHA

# କୋଶଳ ପ୍ରବାହ

www.koshalaprabaha.com

Postal Regd.No. BGR-02/2018-20

ବର୍ଷ - ୨୦ ■ ସଂଖ୍ୟା - ୩୩

Volum.-20 ■ Issue No.- 33

Sunday ■ Balangir

ରବିବାର ■ ବଲାଙ୍ଗିର

R.N.I.No.: ODIODI/2000/03637 ● ୦୫ ଜୁଲାଇ - ୧୧ ଜୁଲାଇ ୨୦୨୦ ● 05 July - 11 July 2020 ● Odia Weekly ● 8 Pages, Rs.2/- only

## ବୈଶ୍ୱିକ ମହାମାରୀର ଅବସାନ ପାଇଁ ଭାରତର ନିଜସ୍ୱ ଉଦ୍ୟମରେ ପ୍ରସ୍ତୁତ କୋଭିଡ-୧୯ ଟିକା : ଡ. ଟି.ଭି. ଭେଙ୍କଟେଶ୍ୱରନ

ନୂଆଦିଲ୍ଲୀ, (ପିଆଇବି) : କରୋନା ମହାମାରୀର ଅବସାନ ପାଇଁ ଭାରତ ନିଜସ୍ୱ ଜ୍ଞାନକୌଶଳ ପ୍ରୟୋଗ କରି ଟିକା ବାହାର କରିଛି । ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ କୋଭାକ୍‌ସିନ୍ ଏବଂ ଜାଇଡ଼ସ୍ କାଡ଼ିଲା କଂପାନୀ ପକ୍ଷରୁ ପ୍ରସ୍ତୁତ ଜାଇକମ୍-ଟିକା ମାହାମାରୀ ଆକ୍ରାନ୍ତ ପୃଥିବୀରେ ଆଶାର କିରଣ ସୃଷ୍ଟି କରିଛି । ଏହି ଦୁଇଟି ଟିକାକୁ ପରୀକ୍ଷାମୂଳକ ଭାବେ ମଣିଷ ଶରୀରରେ ପ୍ରୟୋଗ କରିବା ପାଇଁ ଭାରତୀୟ ଡ୍ରଗ କନ୍‌ଟ୍ରୋଲର୍ ଜେନେରାଲ (ସିଡ଼ିଏସ୍‌ସିସ) ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । ଏହି ଟିକା ପରୀକ୍ଷାରେ ସଫଳ ହେଲେ ଏକ ଅନିଶ୍ଚିତ ପର୍ଯ୍ୟାୟର ଅବସାନ ଆରମ୍ଭ ହେବ । ବିଗତ ବର୍ଷଗୁଡ଼ିକରେ ଭାରତ ବିଶ୍ୱର ଏକ ପ୍ରମୁଖ ଟିକା ଉତ୍ପାଦନକାରୀ ରାଷ୍ଟ୍ରଭାବେ ନିଜକୁ ପ୍ରତିଷ୍ଠିତ କରାଇଛି । ୟୁନିସେଫ୍‌କୁ ଯୋଗାଇ ଦିଆଯାଉଥିବା ଟିକା ମଧ୍ୟରୁ ୬୦ ଶତାଂଶ ଭାରତରେ ତିଆରି । କରୋନା ବିରୋଧୀ ଟିକା ବିଶ୍ୱର ଯେକୌଣସି ସ୍ଥାନରେ ବିକଶିତ ହୋଇପାରେ, କିନ୍ତୁ ଭାରତୀୟ ଉତ୍ପାଦକମାନଙ୍କ ସଂପୃକ୍ତି ବିନା ଏହିସବୁ ଟିକାର ଉତ୍ପାଦନ ଆବଶ୍ୟକତା ଅନୁସାରେ ହେବା ସହଜ ନୁହେଁ ।

ସୂଚନାଯୋଗ୍ୟ ଯେ, ବିଶ୍ୱରେ ୧୪୦ରୁ ଅଧିକ କରୋନା ପ୍ରତିଷେଧକ ଟିକା ଏବେ ପ୍ରସ୍ତୁତି ଏବଂ ବିକାଶର ବିଭିନ୍ନ ପର୍ଯ୍ୟାୟରେ ରହିଛି । ସେଥିମଧ୍ୟରୁ ଏଜେଡ୍‌ନି ୧୨୨୨ ଏକ ପ୍ରମୁଖ ଟିକା ଯାହା ବିକାଶ ପ୍ରକ୍ରିୟାର ସର୍ବାଗ୍ରେ ରହିଛି । ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଜେନର ପ୍ରତିଷ୍ଠାନ ଦ୍ୱାରା ଏହି ଟିକା ବିକଶିତ ହୋଇଛି । ଏହାର ଉତ୍ପାଦନ ପାଇଁ ବ୍ରିଟିଶ-ସୁଇଡ଼େନ ବହୁ ରାଷ୍ଟ୍ରୀୟ ଔଷଧ ନିର୍ମାଣକାରୀ କଂପାନୀ ଅନୁମତି ପାଇଛି । ଏହି କଂପାନୀର ସଦର କାର୍ଯ୍ୟାଳୟ ଇଂଲଣ୍ଡର କେମ୍ବ୍ରିଜରେ ରହିଛି । ସେହିଭଳି ୱାଶିଂଟନ୍ ସ୍ଥିତ ଏକ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର କାଇଜର ପରମାନେଂଟ୍, ଏମ୍‌ଆରଏନ୍‌ଏ ୧୨୭୩ ନାମକ ଏକ ଟିକା ବିକଶିତ କରିଛି । ଏହାର ଉତ୍ପାଦନ ଦାୟିତ୍ୱ ଆମେରିକା କଂପାନୀ ମଡ଼ର୍ଣ୍ଣା ଫର୍ମାସ୍ୟୁଟିକାଲକୁ ଦିଆଯାଇଛି । ଏହି ଟିକାର ଉତ୍ପାଦନ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି । ସଂପୃକ୍ତ ଦୁଇଟି ସଂସ୍ଥା କରୋନା ଟିକା ଉତ୍ପାଦନ କରିବାକୁ ଭାରତୀୟ ଔଷଧ ନିର୍ମାତାଙ୍କ ସହ ଇତି ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରି ସାରିଛନ୍ତି । ସମାନ୍ତରାଳ ଭାବେ ଭାରତୀୟ ପ୍ରତିଷ୍ଠାନ ସମୂହ ଦେଶରେ ଟିକା ବିକଶିତ କରିବାକୁ ଗବେଷଣା ଓ ଉନ୍ନୟନ କାର୍ଯ୍ୟରେ ଲାଗିଛନ୍ତି । ଏଥିପାଇଁ ମୌଳିକ ବିଜ୍ଞାନଭିତ୍ତିକ ତଥ୍ୟ ପୁଣେ ସ୍ଥିତ ଜାତୀୟ ଭୂତାଣୁ ବିଦ୍ୟା ପ୍ରତିଷ୍ଠାନ ଏବଂ ହାଇଦ୍ରାବାଦ ସ୍ଥିତ ସେଲୁଲାର ଏବଂ ମଲିକଲାର

(ସପ୍ତମ ପୃଷ୍ଠା ଦେଖନ୍ତୁ)

## କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ମାନବ ଅଧିକାର ହନନ ନ ହେଉ : ନରସିଂହ



ବଲାଙ୍ଗିର, (ନିପ୍ର) : ରାଜ୍ୟରେ କରୋନା ସ୍ଥିତି ଅତି ଭୟଙ୍କର ହେବାରେ ଲାଗିଛି । ଦିନକୁ ଦିନ ପରିସ୍ଥିତି ଜଟିଳ ହୋଇ ଗୋଷ୍ଠୀ ସଂକ୍ରମଣର ସମ୍ଭାବନା ଦେଖାଦେଲାଣି । ବଲାଙ୍ଗିର, ଗଞ୍ଜାମ ଓ କଟକ ଭଳି ଜିଲ୍ଲାରେ ଗୋଷ୍ଠୀ ସଂକ୍ରମଣ ହୋଇଯାଇଛି କହିଲେ ଚଳେ । ସରକାର ତଥା ପ୍ରଶାସନ ଏ ସବୁକୁ ନେଇ ନୀରବଦ୍ରଷ୍ଟା ସଜିଛି । କନ୍‌ଟେନ୍‌ମେଂଟ୍ ଜୋନ ଏରିଆରେ ଅନେକ ପରିମାଣରେ ଗରିବ ଶ୍ରେଣୀର ଦିନ ମଜୁରିଆ, ଖଟିଖିଆ ଲୋକେ ବସବାସ କରୁଛନ୍ତି । ସେମାନେ ନିଜର ପେଟ ପାଟଣା ପାଇଁ ପ୍ରତ୍ୟେକ ଦିନ କିଛି ନା କିଛି କାମ କରିବାକୁ ପଡେ । ଯେହେତୁ କ୍ରମାଗତ ଭାବେ ସେହି ଗରିବ ଲୋକମାନେ କନ୍‌ଟେନ୍‌ମେଂଟ୍ ଜୋନ ଭିତରେ ଆବଦ୍ଧ ହୋଇ ରହିଛନ୍ତି ତାଙ୍କର ପାଖରେ ଥିବା ଖାଇବା ସମଗ୍ରୀ ପ୍ରାୟତଃ ଶେଷ ହୋଇଯାଇଛି । ତେଣୁ ସରକାର ତଥା ଜିଲ୍ଲା ପ୍ରଶାସନ ସେହି ଲୋକମାନଙ୍କୁ ଖାଇବା ସାମଗ୍ରୀ ପହଂଚାନ୍ତୁ । ନଚେତ ଏହା ମାନବ ଅଧିକାରର ଉଲ୍ଲଙ୍ଘନ ଧରାଯିବ ବୋଲି ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ସରକାରଙ୍କୁ ଚେତାଇ ଦେଇଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ ଏବଂ କନ୍‌ଟେନ୍‌ମେଂଟ୍ ଜୋନ ଭିତରେ ରହୁଥିବା ଲୋକଙ୍କର ଜୀବନ ଜିଇଁବାର ଅଧିକାର ଯେମିତି ବାଧାପ୍ରାପ୍ତ ନ ହୁଏ ସେ ଉପରେ ଜିଲ୍ଲା ପ୍ରଶାସନକୁ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ । ଏଠାରେ ଦେଖାଯାଉଛି ଯେ, ବଲାଙ୍ଗିର ହାତୀଶାଲପଡାକୁ କିଛି ଦିନ ହେଲା କନ୍‌ଟେନ୍‌ମେଂଟ୍ ଜୋନରେ ଆବଦ୍ଧ କରାଯାଇଛି । ସେଠାକାର ଲୋକେ ବାରମ୍ବାର କନ୍‌ଟେନ୍‌ମେଂଟ୍ ଜୋନର ସୀମା ପାଖକୁ ଆସି ଖାଦ୍ୟ, ପାନୀୟ ଜଳ ତଥା ସ୍ୱାସ୍ଥ୍ୟସେବା ପାଇଁ ପ୍ରଶାସନକୁ ତଥା ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରୁଛନ୍ତି । କିନ୍ତୁ ଜିଲ୍ଲା ପ୍ରଶାସନ ତାଙ୍କର କଥା ସମ୍ପୂର୍ଣ୍ଣ ଅଣଦେଖା କରୁଛି । ଏହି ଜାଗାରେ ମଧ ସମ୍ବିଧାନ ଦେଇଥିବା ଜୀବନ ଜିଇଁବାର ଅଧିକାର ସମ୍ପୂର୍ଣ୍ଣ ହନନ ହେଉଛି । ବର୍ତ୍ତମାନ ଏହିଭଳିଆ ପରିସ୍ଥିତି ସାରା ରାଜ୍ୟରେ ଦେଖାଦେଇଛି । ତେଣୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାର ଏହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଲୋକଙ୍କ ମାନବ ଅଧିକାର ଉଲ୍ଲଙ୍ଘନ ଯେପରି ନ ହେବ ସେ ଦିଗରେ ଯତ୍ନବାନ ହେବା ପାଇଁ ଶ୍ରୀ ମିଶ୍ର ଚେତେଇ ଦେଇଛନ୍ତି ।

## କରୋନା ସଂକ୍ରମଣ ବଢ଼ି ଚାଲିଛି ବଲାଙ୍ଗିର ସହରରେ

### ସପ୍ତାହକୁ ପୁଣି ଦୁଇ ଦିନ ସଟ୍‌ଡାଉନ୍ ସହର



ବଲାଙ୍ଗିର, (ନିପ୍ର) : କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି ବଲାଙ୍ଗିର ସହରରେ । ସହରବାସୀ ଆତଙ୍କିତ ହୋଇ ଉଠୁଥିବା ଜଣାପଡୁଛି । ରୀତିମତ ବଢ଼ି ବଢ଼ି ଚାଲିଛି ସଂକ୍ରମିତଙ୍କ ସଂଖ୍ୟା ।

ସଂକ୍ରମଣକୁ ରୋକିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବଲାଙ୍ଗିରରେ ପୁଣି ସପ୍ତାହକୁ ଦୁଇ ଦିନ ଅର୍ଥାତ୍ ଶନିବାର ଓ ରବିବାର ଦିନ ଜିଲ୍ଲାପାଳ ସଟ୍‌ଡାଉନ୍ ଘୋଷଣା କରିଛନ୍ତି । ସଟ୍‌ଡାଉନ୍ ସମୟରେ ସହର ଭିତର ଶୂନ୍‌ଶାନ୍ ଥିବା ଦେଖିବାକୁ ମିଳିଛି । ସହରବାସୀ ସଟ୍‌ଡାଉନ୍‌କୁ ପାଳନ କରୁଥିବା ଯୋଗୁଁ ଜଣାପଡୁଛି ଯେ, କରୋନା ସଂକ୍ରମଣ ପ୍ରତି ଲୋକେ ସଜାଗ ହେବାରେ ଲାଗିଛନ୍ତି । କିନ୍ତୁ ସହର ବାହାରେ ଲୋକେ ଜମାରୁ ସଚେତନ ନଥିବା ବି ଅନୁମାନ କରାଯାଇଛି । ସହର ଭିତରେ ପୁଲିସ ପକ୍ଷରୁ କଡ଼ାକଡ଼ି ଚେକିଂ ଯୋଗୁଁ ଲୋକେ ସଟ୍‌ଡାଉନ୍‌କୁ ପାଳନ କରୁଥିବା ବେଳେ ସହର ବାହାରେ ହୁଗୁଳା ଚେକିଂ ଫଳରେ ଲୋକେ ବିନ୍‌ଦାସ୍ ବୁଲାବୁଲି କରୁଥିବା ସହ ଦୋକାନ ବଜାର ବି କାଁ ଭାଁ ଖୋଲୁଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଅତ୍ୟନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ସୂଚନାଯୋଗ୍ୟ ଯେ, ବଲାଙ୍ଗିର ସହରର ହାତୀଶାଲପଡ଼ାରେ ଏବେ କରୋନା ସଂକ୍ରମଣ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି । କନ୍‌ଟେନ୍‌ମେଂଟ୍ ଅଂଚଳରେ ମଧ୍ୟ ଶୃଙ୍ଖଳାର ବାତାବରଣ ଦୃଷ୍ଟିଗୋଚର ହେଉନାହିଁ । ଅଂଚଳବାସୀ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ଚଟ୍‌ପଟ୍

### ଆନଂଦ



କରୋନା ମାଡ଼ରେ
ବୋଲ୍‌ବମ୍ ବନ୍ଦ
ମନ୍ଦିରେ ପଡ଼ିଲା ତାଲା
ଭୋଳାନାଥ ବାବା
ମନ୍ଦିରେ ବସିକି
ଦେଖୁଛନ୍ତି ସବୁ ପାଲା....
କି ସମୟ ଆସି ହେଲା
ଧରମ କରମ ଶୂନ୍ୟରେ ଉଡ଼ିଲା
ସଭିଙ୍କ ପକେଟ୍ ମେଲା ।।

## ହାତୀଶାଲପଡ଼ା କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ଭୋକ ଉପବାସରେ ଦିନ କାଟୁଛନ୍ତି ଅଧିକାଂଶ କନ୍‌ଟେନ୍‌ମେଂଟ୍‌ବାସୀ !

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ହାତୀଶାଲପଡ଼ା କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ମାନବାଧିକାର ହନନ ଅଭିଯୋଗ ହୋଇଥିବା ବେଳେ ସାତ ଦିନ ହେଲା ପ୍ରଶାସନ ପକ୍ଷରୁ କୌଣସି ଖାଦ୍ୟ ସାମଗ୍ରୀ କିମ୍ବା ପାନୀୟ ଜଳ କନ୍‌ଟେନ୍‌ମେଂଟ ଅଂଚଳରେ ଦିଆଯାଇ ନଥିବା କୁହାଯାଇଛି । ଖାଦ୍ୟ ତଥା ପାନୀୟ ଜଳ ଅଭାବରେ କନ୍‌ଟେନ୍‌ମେଂଟ୍‌ବାସୀ ତୁହାକୁ ତୁହା ବ୍ୟାରିକେଟ୍ ପାଖକୁ ଆସି ପ୍ରଶାସନ ପକ୍ଷରୁ ମୁତୟନ ହୋଇଥିବା କର୍ମଚାରୀମାନଙ୍କୁ ଖାଇବା ସାମଗ୍ରୀ ମାଗୁଥିବା ଦେଖିବାକୁ ମିଳିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ନା ପୁଲିସ, ନା ପ୍ରଶାସନ ସେମାନଙ୍କୁ ଖାଇବାକୁ ଗଣ୍ଡିଏ, ନା ପିଇବାକୁ ମୁନ୍ଦିଏ ଯୋଗାଇ ପାରିଛନ୍ତି ! ଫଳରେ ଅଂଚଳର ଛୋଟ ଛୋଟ ଶିଶୁମାନଙ୍କ ସହ ଗରିବ ଲୋକେ ଖାଦ୍ୟାଭାବରେ ଡହକ ବିକଳ ହେଉଥିବା ଅଭିଯୋଗ ହେଉଛି । ଏ ସଂପର୍କରେ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କୁ ପଚରା ଯିବାରୁ ସେ କହିଛନ୍ତି ଯେ, କୋଭିଡ଼ ନିୟମ ଅନୁସାରେ କନ୍‌ଟେନ୍‌ମେଂଟ୍‌ବାସୀଙ୍କୁ କୌଣସି ଖାଦ୍ୟପେୟ ଯୋଗାଇ ଦେବାର ବ୍ୟବସ୍ଥା ନାହିଁ । ଯଦି ସେମାନେ ଟଙ୍କା ଦେଇ କିଛି କିଣିବାକୁ ଚାହୁଁଛନ୍ତି, ତେବେ ଆମେ ତାହା ଯୋଗାଇ ଦେଇ ପାରିବୁ ।

ଗତ ୪ ତାରିଖ ଶନିବାର ଦିନ ମଧ୍ୟାହ୍ନ ସମୟରେ କନ୍‌ଟେନ୍‌ମେଂଟ୍‌ବାସୀଙ୍କ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ଆମ ପ୍ରତିନିଧି ଯାଇ ବ୍ୟାରିକେଡ଼୍ ବାହାରୁ ଅଂଚଳବାସୀଙ୍କ ଅଭିଯୋଗ ସଂଗ୍ରହ କରୁଥିବା ବେଳେ ସ୍ଥାନୀୟ ଆଦର୍ଶ ଟାଉନ ଥାନାର ଥାନା ଅଧିକାରୀ ସଂଗ୍ରାମ କେଶରୀ ନାୟକ ଫୋନ୍ ମାଧ୍ୟମରେ ଆମ ପ୍ରତିନିଧିଙ୍କୁ ଧମକ୍ ଦେବା ସହ ଗାଳି ଗୁଲଜ୍ କରିଥିବା ଆମ ପ୍ରତିନିଧି ଜଣାଇଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଜଣେ ସାମ୍ବାଦିକ କନ୍‌ଟେନ୍‌ମେଂଟ୍ ଅଂଚଳ ଭିତରକୁ ସିନା ଯାଇ ପାରିବେ ନାହିଁ, କନ୍‌ଟେନ୍‌ମେଂଟ୍‌ବାସୀଙ୍କ ଅଭିଯୋଗ ବି କ'ଣ କୋଭିଡ଼୍ ଆଇନ ମାନି ବ୍ୟାରିକେଡ଼୍ ବାହାରେ ରହି ସଂଗ୍ରହ କରି ପାରିବେ ନାହିଁ? କନ୍‌ଟେନ୍‌ମେଂଟ୍ ଅଂଚଳବାସୀ ଯେତେ ଦୁଃଖ କଷ୍ଟରେ ରହୁଥିଲେ ସୁଦ୍ଧା ସେମାନଙ୍କ ସମସ୍ୟାଗୁଡ଼ିକ ଚାପି ଦିଆଯାଇ ପାରିବ? କନ୍‌ଟେନ୍‌ମେଂଟ୍ ଅଂଚଳବାସୀ ବୋଲି କ'ଣ ନିଜ ସମସ୍ୟା ସଂପର୍କରେ କହିବା ମଧ୍ୟ ସେମାନଙ୍କ ଅଧିକାର ନାହିଁ? ସେମାନଙ୍କ ବଂଚିବା ଅଧିକାର କ'ଣ ନାହିଁ ? ଗରିବ, ଖଟିଖିଆ, ଦିନ ମଜୁରିଆ କନ୍‌ଟେନ୍‌ମେଂଟ୍ ଅଂଚଳବାସୀ ଖାଇବେ କ'ଣ, ବଂଚିବେ କେମିତି.... ପ୍ରଶାସନ ଆଉ ଲୁଚେଇବ କେତେ ଆଉ ବୁଝିବ କେବେ?

ସୂଚନାଯୋଗ୍ୟ ଯେ, ଗତ ସାତ ଦିନ ହେଲା କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ବଂଧା ପଡ଼ିଥିବା ଗରିବ ଦିନ ମଜୁରିଆ ପରିବାର ଟଙ୍କା ଆଣିବେ କେଉଁଠୁ? ଯଦି ଜୀବନ ବଂଚାଇବା ପାଇଁ କେଉଁଠୁ ଧାର କରଜ କରି ଆଣୁଛନ୍ତି, ତାହେଲେ ବି ତାଙ୍କ ଟଙ୍କାକୁ ବ୍ୟାରିକେଟ୍ ପାଖରେ ମୁତୟନ ହୋଇଥିବା କର୍ମଚାରୀମାନେ ନେବାକୁ ନାରାଜ । ସେମାନଙ୍କର ଭୟ, କାଳେ ସେହି ଟଙ୍କାରେ କରୋନା ସଂକ୍ରମଣ ହୋଇପାରେ । ଏଭଳି ପରିସ୍ଥିତିରେ ଘରେ ଚୁଲି ଲିଭିଗଲାଣି । ବାହାରୁ ଖାଦ୍ୟ ଆସି ପାରୁନି । ହାତରେ ଟଙ୍କା ବି ନାହିଁ । କାକୁତି ମିନତି କରି କାହାକୁ ଦେଲେ ବି ସେ ଟଙ୍କା ଛୁଇଁବାକୁ ନାରାଜ । ତେବେ ଲୋକେ ଖାଇବେ କ'ଣ, ବଂଚିବେ କିପରି? ଏହା ନିଶ୍ଚୟ ତାଙ୍କର ବଂଚି ରହିବାର ମାନବାଧିକାର ଉଲଂଘନ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ପୁଣି

(ସପ୍ତମ ପୃଷ୍ଠା ଦେଖନ୍ତୁ)

World Vision India ADP Loisingha
SALE

Old Office Assets Sale of World Vision India ADP Loisingha. So Interested Contact within 10th July 2020 on Mobile No. 8895124899 / 9437558922.

World Vision India ADP Loisingha
Near Block Chowk, Loisingha

## ସଂପାଦକୀୟ

# ରକ୍ଷକ ଯେବେ ଭକ୍ଷକ..

ବୀରମିତ୍ରପୁର ଥାନାର ଦୁଷ୍କର୍ମ ଘଟଣାରେ ଜଣେ ଥାନା ଅଧିକାରୀ ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ଏ ଘଟଣା ସାରା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଛି । ରକ୍ଷକ ଯଦି ଭକ୍ଷକର ଭୂମିକା ନିଏ, ତେବେ ତାହା ସମାଜ ପାଇଁ କେତେଦୂର କ୍ଷତିକାରକ, ତାହା ବର୍ତ୍ତମାନ ସମୟରେ ଆକଳନର ବିଷୟ ନିଶ୍ଚୟ ।

ଅଭିଯୋଗ ଅନୁସାରେ, ଜଣେ ନିରୀହା ୧୩ ବର୍ଷର କନ୍ୟା ପ୍ରତି ଯେଉଁଭଳି ଅସଦାଚରଣ ହୋଇଛି, ତାହା ନିହାତି ନିନ୍ଦନୀୟ । ଦୋଷୀ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯିବା ଏକାନ୍ତ ଆବଶ୍ୟକ । ରାଜ୍ୟ ପ୍ରଶାସନ ପକ୍ଷରୁ ସେଭଳି ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଉଦ୍ୟମ ମଧ୍ୟ ଜାରି ରହିଛି । କ୍ରାଇମ୍ ବ୍ରାଂଚ ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଥିବା ଜଣାପଡ଼ିଛି ।

ଏଠାରେ ପ୍ରଶ୍ନ ଉଠୁଛି, ଯେଉଁମାନେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ନିଯୁକ୍ତ, ଯେଉଁମାନେ ସମାଜରୁ କଳୁଷ କାଳିମା ଦୂର କରିବା ପାଇଁ ଉଦ୍ଦିଷ୍ଟ, ସେମାନେ ଯଦି ସମାଜକୁ ଆହୁରି ଅନ୍ଧାର ଭିତରକୁ ଠେଲି ଦେବା ପାଇଁ ଆଗଭର ହୁଅନ୍ତି, ତେବେ ଏ ସମାଜ କେତେଦୂର ସୁରକ୍ଷିତ ? ପ୍ରତ୍ୟେକ ମଣିଷ ଭିତରେ ମଣିଷତ୍ୱ ରହିବା ତ' ନିହାତି ଜରୁରୀ । କିନ୍ତୁ ଜଣେ ମଣିଷତ୍ୱକୁ ଜଗି ରଖିବା ପାଇଁ ଦାୟିତ୍ୱ ଗ୍ରହଣ କରିଥିବା ପୁଲିସ ଅଧିକାରୀଙ୍କ ଭିତରେ ମଣିଷତ୍ୱ ଆହୁରି ପ୍ରଖର ଭାବରେ ରହିବା ଏକାନ୍ତ ଆବଶ୍ୟକ । କିନ୍ତୁ ବର୍ତ୍ତମାନ ସମୟରେ ଏହାର ବ୍ୟତିକ୍ରମ ଅନେକ ସ୍ଥାନରେ ଦେଖିବାକୁ ମିଳୁଛି । ଯାହା ମାନବ ସମାଜ ପାଇଁ ଘାତକ ସାଜିଛି । ପ୍ରଶାସନିକ ଅଧିକାରରେ ଅଂଧ ହୋଇ ପଦ ପଦବୀର ପାୱାରକୁ ଅସତ୍ ପଥରେ ବିନିଯୋଗ କରି ଯେଉଁ ପ୍ରଶାସନିକ ଅଧିକାରୀମାନେ ସମାଜ ପାଇଁ ଘାତକ ସାଜୁଛନ୍ତି, ସେମାନଙ୍କୁ ଉଚିତ୍ ଜବାବ୍ ଦେବା ସରକାରଙ୍କ ପାଇଁ ଏକ ବିରାଟ ଚାଲେଂଜ ବର୍ତ୍ତମାନ । ନଚେତ୍ ହୁଏତ ନିଜ ପଦପଦବୀର ପାୱାର୍ ବିନିଯୋଗରେ ମଣିଷ ଭଳି ଦେଖାଯାଉଥିବା ଅମଣିଷ ପ୍ରଶାସନିକ ଅଧିକାରୀମାନେ ମାନବ ସମାଜକୁ ଅଂଧାର ଗହ୍ୱରକୁ ଟାଣି ଆଣିବା ସ୍ୱଭାବିକ । ଏ ଦିଗରେ ସରକାର ଅତ୍ୟନ୍ତ କଠୋର ହେବା ଏକାନ୍ତ ଆବଶ୍ୟକ ।

ବୀରମିତ୍ରପୁର ଥାନାର ନିନ୍ଦନୀୟ ଘଟଣାରେ ସାମିଲ୍ ଥିବା ଅଭିଯୁକ୍ତମାନଙ୍କ ପାଇଁ ଯେତେ ଦଣ୍ଡବିଧାନ ହେଲେ ମଧ୍ୟ କମ୍ ହୋଇ ଯାଇପାରେ । ଜଣେ ନିରୀହା ୧୩ ବର୍ଷର ନାବାଳିକା, ଯିଏ ଜଗତକୁ ଜାଣି ପାରିବାର ବୟସରେ ମଧ୍ୟ ପହଂଚି ନାହିଁ; ତା' ପ୍ରତି ଏଭଳି ଅମାନବୀୟ ଜଘନ୍ୟ ଅତ୍ୟାଚାର ଆମ ସମାଜ ପାଇଁ କଳଙ୍କ ତଥା ଅତ୍ୟନ୍ତ ଲଜ୍ଜାଜନକ । ଯେଉଁ ସମାଜରେ ଏଭଳି ଦୁଃଖଦାୟକ କାଣ୍ଡ ଅପରାଧର ଦମନ ପାଇଁ ଦାୟିତ୍ୱବହନ କରିଥିବା ଅଧିକାରୀମାନଙ୍କ ଦ୍ୱାରା ଘଟେ, ସେ ସମାଜର ସମୃଦ୍ଧି କେତେ ଅପହଂଚ, ତାହା ଅଳ୍ପକେ ଅନୁମାନ କରାଯାଇପାରେ । ନିଜର କ୍ଷମତାର ବିନିଯୋଗ କରି ପ୍ରଶାସନିକ ଅଧିକାରୀମାନେ ଅମଣିଷ ନ ହୁଅନ୍ତୁ, ଏଥିପ୍ରତି ସରକାର ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ । ମଣିଷ ଭିତରେ ମଣିଷଟିଏ ରହୁ, ମଣିଷ ସମାଜ ମଣିଷ ଦ୍ୱାରା ଆହୁରି କାଳିମାମୟ ନହେଉ, ଏହା ହିଁ କାମନା ।

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ.
୯୪୩୭୦୩୯୦୯୬



# ମୁସଲମାନର କରୁଣା

ଆତଙ୍କବାଦ ମାଧ୍ୟମରେ ଦେଶକୁ ଖଣ୍ଡ ବିଖଣ୍ଡିତ କରିବାର ଯୋଜନାବଦ୍ଧ ଷଡ଼ଯନ୍ତ୍ର ଚାଲିଛି । ମୁଷ୍ଟିମେୟ କିଛି ହିଂସ୍ରଲୋକଙ୍କ ଅମାନବୀୟତା ପାଇଁ ନିର୍ଦ୍ଦିଷ୍ଟ ଏକ ସଂପ୍ରଦାୟକୁ ସମଗ୍ର ଭାବେ ଦାୟୀ କରି ସେମାନଙ୍କୁ ଅପରାଧୀ ଭାବିବାର ଭୁଲ ବୋଧହୁଏ ଆମେ କରି ଚାଲିଛୁଁ । ଅପରାଧର କୌଣସି ଜାତି କିମ୍ୱା ଧର୍ମ ନଥାଏ । ବ୍ୟକ୍ତିଗତ ମାନସିକତା ତଥା କିଛି ପରିମାଣରେ ସାମାଜିକ ପରିସ୍ଥିତିର ଭୂମିକା ଏ କ୍ଷେତ୍ରରେ କିଛି କମ୍ ନୁହେଁ । ତେବେ ଯେଉଁ ସଂପ୍ରଦାୟ ଆଡ଼କୁ ବୃହତ୍ତର ସମାଜ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ, ତହିଁରେ ମଧ୍ୟ ଦେବଗୁଣସଂପନ୍ନ ମଣିଷମାନେ ରହିଛନ୍ତି, ନିମ୍ନୋକ୍ତ ସତ୍ୟ ଘଟଣାରୁ ତା'ର ପ୍ରତ୍ୟକ୍ଷ ପ୍ରମାଣ ମିଳିଥାଏ ।

କାଶ୍ମୀର ଉପତ୍ୟକାରେ ପ୍ରାକ୍-ପ୍ରଶିକ୍ଷିତ ଆତଙ୍କବାଦୀଙ୍କ ତାଣ୍ଡବରେ ତ୍ରସ୍ତ ହୋଇ ଅଳ୍ପସଂଖ୍ୟକ ହିନ୍ଦୁ ସମାଜ ନିଜ ଭିଟାମାଟି ଛାଡ଼ି ପଳାୟନ କରୁଥାନ୍ତି । ବିଶେଷ କରି କାଶ୍ମୀର ପଣ୍ଡିତମାନେ ଜାମ୍ମୁ ତଥା ଦିଲ୍ଲୀକୁ ଚାଲି ଆସୁଥାନ୍ତି । କିନ୍ତୁ ମାଟିର ନିବିଡ଼ ବନ୍ଧନ, କେତେଜଣ ବୃଦ୍ଧକୁ ବାନ୍ଧି ରଖିଥିଲା । ଦେବଦାରୁ ଏବଂ ସୁନ୍ଦର ହ୍ରଦଗୁଡ଼ିକ ସେମାନଙ୍କୁ କାଶ୍ମୀର ଛାଡ଼ିବାକୁ ଦେଉ ନଥାଏ । ଯାହାହେଲେ ବି ଏହା ଯେ ତାଙ୍କର ଜନ୍ମଭୂମି, କର୍ମଭୂମି । ଏହିପରି ଜଣେ କାଶ୍ମୀର ପଣ୍ଡିତ ଯିଏ କି ବୃଦ୍ଧାବସ୍ଥାରେ ଉପନୀତ ହୋଇ ସାରିଥିଲେ, ଆପଣା କତିପୟ ମୁସଲମାନ ବନ୍ଧୁଙ୍କ ମଧ୍ୟରେ ଘର ବଖରେ କରି ରହୁଥାନ୍ତି । ତାଙ୍କ ପୁଅ, ବୋହୂ ଓ ଜ୍ଞାତିଜନ ସୁରକ୍ଷା ଦୃଷ୍ଟିରୁ ଜମ୍ମୁ ଚାଲି ଯାଇଥା'ନ୍ତି । ଦିନେ ସଂଧ୍ୟା ବେଳା ଅକସ୍ମାତ୍ ତାଙ୍କ ସ୍ୱର୍ଗବାସ ହେଲା । ସେହି ଗାଆଁରେ ଆଉ ଜଣେ ବି ହିନ୍ଦୁ ନଥିଲେ ।

ସେହି ବୃଦ୍ଧଙ୍କ ମୁସଲମାନ ପଡ଼ୋଶୀମାନେ, ଯାହାଙ୍କ ସହିତ ସେ ଖାଉଥିଲେ, ଖେଳୁଥିଲେ, ପଢୁଥିଲେ, ବଢ଼ିଥିଲେ, ନିଜ ପରିବାରର ଜଣେ ପ୍ରିୟ ସଦସ୍ୟଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ କାନ୍ଦି ଉଠିଥିଲେ । ଲୋକ ପଠାଇ ୩୨ କି.ମି. ଦୂରରୁ ଜଣେ ହିନ୍ଦୁ ପୁରୋହିତଙ୍କୁ ଆଣିଲେ । ବୈଦିକ ରୀତିରେ ଶବକୁ ସ୍ନାନ କରାଇଲେ । ମୁସଲମାନ ଯୁବକମାନେ କୋକେଇକୁ କାନ୍ଧେଇ ଶବଯାତ୍ରାରେ ବାହାରିଲେ । ସାରା ଗାଆଁଟା ଯାକ ସେ ଦିନ ଶ୍ମଶାନରେ ରୁଣ୍ଡ ହେଲେ । ଆଖିରେ ଅଶ୍ରୁ ଓ ଓଠରେ 'ରାମ ନାମ ସତ୍ୟ ହେ'ର ପବିତ୍ର ଧ୍ୱନି । ସେଦିନ କେହି ହିନ୍ଦୁ କିମ୍ୱା ମୁସଲମାନ ହୋଇ ନ ରହି 'ଏକେବ ମାନୁଷୀଜାତି'ରେ ପରିଣତ ହୋଇଯାଇଥିଲେ । ଶ୍ମଶାନରେ ପହଂଚି ଏହି ଖୁଦାଙ୍କ ଭକ୍ତମାନେ ହିନ୍ଦୁ ପଦ୍ଧତିରେ ତାଙ୍କ ଦାହ ସଂସ୍କାର କଲେ । ତା'ପରେ ସମସ୍ତେ ସ୍ନାନ ସାରି ତିଳାଂଜଳି ପ୍ରଦାନ କଲେ ।

ଏହି ସତ୍ୟ ଘଟଣା ଦ୍ୱାରା 'ମାନବତା ଯେ ମରି ନାହିଁ ଏବଂ ଏହା ଚିର ଅମର ରହିବ' ଏହି ବିଶ୍ୱାସକୁ ନିଶ୍ଚିତ ବଳ ମିଳିଥାଏ ।

# କାଉନ୍‌ସେଲିଂ କ'ଣ ?

ଜ୍ଞାନରଞ୍ଜନ ଶପଥୀ



ଆଜିର ସମୟରେ 'କାଉନ୍‌ସେଲିଂ' ଏକ ବହୁଳ ଭାବରେ ବ୍ୟବହୃତ ହେଉଥିବା ଗୋଟିଏ ଶବ୍ଦ । ଏହି ଶବ୍ଦ ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ଭାବରେ ବ୍ୟବହାର ହେଉଛି ଏବଂ ଏହି ଶବ୍ଦର ଅର୍ଥ ମଧ୍ୟ କ୍ଷେତ୍ର ବିଶେଷରେ ବଦଳିଯାଉଛି । ସାଧାରଣତଃ କାଉନ୍‌ସେଲିଂର ଅର୍ଥ ଏବେ ମଧ୍ୟ ଆମ ଜନସାଧାରଣଙ୍କ ପାଇଁ ଅସ୍ପଷ୍ଟ ଅବୁଝା ତେଣୁ ଅଧିକାଂଶ ସ୍ଥଳରେ ଏକ ଭୁଲ ଅର୍ଥ ସହ ଏହା ଅବାଧରେ ବ୍ୟବହୃତ ହେଉଛି । ଅନେକ ବାଣିଜ୍ୟିକ ଓ ଶିକ୍ଷା ସମ୍ବନ୍ଧୀୟ ଅନୁଷ୍ଠାନ ମାନଙ୍କରେ କାଉନ୍‌ସିଲ୍‌ର ନିଯୁକ୍ତ ହେଉଛନ୍ତି । ଯେଉଁମାନଙ୍କ କାର୍ଯ୍ୟ ହେଉଛି ଅନୁଷ୍ଠାନକୁ ଅସୁଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ଦରକାର ଅନୁଯାୟୀ ସୂଚନା ଦେଇ ସାହାଯ୍ୟ କରିବା । ଏହି ପଦ ପାଇଁ ଶିକ୍ଷାଗତ ଯୋଗ୍ୟତା ହେଉଛି ସ୍ନାତକ ଯେକୌଣସି ବିଷୟରେ । ସେହିପରି ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ନାମଲେଖା ସମୟରେ ଏହି ଶବ୍ଦଟିର ବ୍ୟବହାର କରାଯାଉଛି । ଯଥା- ଇଞ୍ଜିନିୟରିଂ କାଉନ୍‌ସେଲିଂ, ମେଡ଼ିକାଲ କାଉନ୍‌ସେଲିଂ ଇତ୍ୟାଦି । ସ୍ଥଳ ବିଶେଷରେ ସେମାନଙ୍କର ଅର୍ଥ ମଧ୍ୟ ଭିନ୍ନ ହୋଇଯାଇଛି ।


ଏମିତି ସମିଶ୍ରଣ ପରିସ୍ଥିତିରେ ସାଧାରଣ ଜନତା ଏ ଶବ୍ଦର ଅର୍ଥ ନେଇ ଏକ ପ୍ରକାର ଦ୍ୱନ୍ଦାବସ୍ଥାରେ ଅଛନ୍ତି । ମାତ୍ର କାଉନ୍‌ସେଲିଂର ପ୍ରକୃତ ଉତ୍ସ ଓ ବିଭାଗ ହେଉଛି ମନୋବିଜ୍ଞାନ । ମନୋବିଜ୍ଞାନ କ୍ଷେତ୍ରରେ ଏହି ଶବ୍ଦ ବ୍ୟାପକ ଅର୍ଥରେ ବ୍ୟବହୃତ ହେଉଥିଲେ ମଧ୍ୟ ସାଧାରଣ ଲୋକ ଏହା ଜାଣିପାରୁନାହାନ୍ତି । ତେଣୁ କାଉନ୍‌ସେଲିଂ ସମ୍ବନ୍ଧରେ ସଠିକ୍ ଧାରଣା ଜନସାଧାରଣଙ୍କୁ ଜାଣିବାକୁ ପଡ଼ିବ କାରଣ ଏହି ଶବ୍ଦର ଏକ ସ୍ୱାତନ୍ତ୍ର୍ୟ ରହିଛି । କାଉନ୍‌ସେଲିଂ ହେଉଛି ଏକ ବିଜ୍ଞାନ ସମ୍ମତ କ୍ରମାଗତ ପ୍ରକ୍ରିୟା । ଏଥିରେ ଯିଏ କାଉନ୍‌ସେଲିଂ କରେ ସେ ହେଉଛି କାଉନ୍‌ସିଲର୍ ଏବଂ ଯାହାକୁ କାଉନ୍‌ସେଲିଂ କରାଯାଏ ସେ ହେଉଛି କ୍ଲାଏଣ୍ଟ ବା କାଉନ୍‌ସେଲି ।

ଯେତେବେଳେ ଜଣେ ବ୍ୟକ୍ତି ଏକ ସମସ୍ୟାର ସମ୍ମୁଖୀନ ହୋଇ ଦିଗହରା ହୋଇପଡ଼େ ସେ ସେତେବେଳେ କାଉନ୍‌ସେଲିଂର ସାହାଯ୍ୟ ନିଏ । ଏଥିପାଇଁ ଏକ ପ୍ରଶିକ୍ଷିତ କାଉନ୍‌ସିଲର୍ କ୍ଲାଏଣ୍ଟକୁ ସମର୍ଥ ଓ ସଶକ୍ତ କରାଏ ତାହାର ନିଜ ସମସ୍ୟାର ସମାଧାନ କରାଇବା ପାଇଁ । କାଉନସେଲିଂର ପରିସର ବ୍ୟାପକ ଅଟେ ଯେମିତି ମାନସିକ ରୋଗୀମାନଙ୍କ ପାଇଁ କ୍ଲିନିକାଲ କାଉନସେଲିଂ, ମେଡ଼ିକାଲରେ ଏଚ୍.ଆଇ.ଭି କାଉନସେଲିଂ, ମେରେଜ୍ କାଉନସେଲିଂ ଇତ୍ୟାଦି । ଏଜୁକେସନାଲ କାଉନସେଲିଂ ଏହା ମଧ୍ୟରୁ ଅନ୍ୟତମ । ବ୍ୟକ୍ତିଗତ କାଉନସେଲିଂ, କ୍ୟାରିୟର କାଉନସେଲିଂ, ଦଳଗତ କାଉନସେଲିଂ, ଅଭିଭାବକ କାଉନସେଲିଂ ଆଦି ଏଜୁକେସନାଲ କାଉନସେଲିଂ ଅନ୍ତର୍ଗତ । ଏଜୁକେସନାଲ କାଉନ୍‌ସିଲର୍ ହେବା ପାଇଁ ମୁଖ୍ୟ ଶିକ୍ଷାଗତ ଯୋଗ୍ୟତା ହେଉଛି ଶିକ୍ଷା, ମନୋବିଜ୍ଞାନରେ ସ୍ନାତକୋତ୍ତର ଏବଂ କାଉନ୍‌ସେଲିଂରେ ମୁଖ୍ୟତଃ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା କରିଥିବେ ।

ଏହି କାଉନ୍‌ସେଲିଂ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ଅନେକ ଭ୍ରାନ୍ତ ଧାରଣା ରହିଛି; ଯାହାକି ଏହା କେବଳ ମାନସିକ ବିକାରଗ୍ରସ୍ତ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ, ମଣିଷ କ'ଣ ଏତେ ଅସହାୟ ଯେ କାଉନ୍‌ସେଲିଂର ସାହାଯ୍ୟ ନେବ ? ଜଣେ ଅଚିହ୍ନା ଅଜଣା ବ୍ୟକ୍ତି ପାଖରେ ନିଜର ଅତ୍ୟନ୍ତ ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରିବା କ'ଣ ଦରକାର ? କ୍ଲାଏଣ୍ଟ ପ୍ରକାଶ କରୁଥିବା ତଥ୍ୟର ଗୋପୀନୟତା ରହିବ ତ ? ବିନା ଔଷଧରେ କେବଳ କଥାବାର୍ତ୍ତା ଦ୍ୱାରା ସମସ୍ୟାର ସମାଧାନ ଅସମ୍ଭବ । କାଉନ୍‌ସେଲିଂର ସାହାଯ୍ୟ ନେଲେ ଅନ୍ୟମାନେ କ୍ଲାଏଣ୍ଟକୁ ଅସମର୍ଥ ବୋଲି ଭାବିବେ ଇତ୍ୟାଦି । ଏହିସବୁ ଭ୍ରାନ୍ତ ଧାରଣା ସଂଶୋଧନ କରିବା ପାଇଁ କାଉନ୍‌ସେଲିଂର ପ୍ରକୃତ ସଂଜ୍ଞା, ତଥ୍ୟ, ଦିଗ, ପ୍ରକ୍ରିୟା ଆଦି ହେଲା – କାଉନ୍‌ସେଲିଂର ଆବଶ୍ୟକତା ସମସ୍ତଙ୍କ ପାଇଁ କୌଣସି ନା କୌଣସି ପରିସ୍ଥିତିରେ ରହିଛି । କାଉନ୍‌ସେଲିଂ ପ୍ରକ୍ରିୟାରେ କ୍ଲାଏଣ୍ଟ୍‌ର ସମସ୍ତ ତଥ୍ୟ ଗୋପନୀୟ ରଖାଯାଏ (ନୈତିକତା ଦୃଷ୍ଟିକୋଣରୁ ଓ ନୈତିକତା ନିୟମାନୁସାରେ), କାଉନ୍‌ସେଲିଂ ମଣିଷକୁ ନିଜର ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟ ସମ୍ବନ୍ଧରେ ସଚେତନ କରାଏ । କାଉନ୍‌ସେଲିଂ ପ୍ରକ୍ରିୟାରେ କଥାବାର୍ତ୍ତା ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ କାରଣ ଏଥିରେ ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ଆସେ ଏବଂ ଏହାର ବ୍ୟବହାରରେ ପରିବର୍ତ୍ତନ ଆଣିବାରେ ସହାୟକ, କାଉନ୍‌ସେଲିଂ ହେଉଛି ଏକ କ୍ରମାଗତ ପ୍ରକ୍ରିୟା, ତେଣୁ ଗୋଟିଏ ମାତ୍ର ବା ପ୍ରଥମ ଅଧିବେଶନ ବା ବୈଠକରେ ହିଁ ସମସ୍ୟାର ସମାଧାନ ଆଶା କରିବା ଅନୁଚିତ । ତେଣୁ ପ୍ରତ୍ୟେକ ବୈଠକରେ କ୍ଲାଏଣ୍ଟକୁ ନିଷ୍ଠାର ସହ ରହିବାକୁ ହେବ । ପ୍ରତ୍ୟେକ ଅଧିବେଶନର ଏକ ସମୟସୀମା ରହିଛି । ତେଣୁ ସୀମିତ ସମୟ ମଧ୍ୟରେ ସମସ୍ୟାର ଆଲୋଚନା ଜରୁରୀ । କାଉନ୍‌ସିଲର୍ ଓ କ୍ଲାଏଣ୍ଟ ମିଳିତ ଭାବରେ ସମସ୍ୟାର ସମାଧାନ ପାଇଁ ଯେଉଁ ଉପାୟସବୁ ସ୍ଥିର କରିଥିବେ ତାହାକୁ କ୍ଲାଏଣ୍ଟ ନିଷ୍ଠାର ସହ ପାଳନ କରିବ ଇତ୍ୟାଦି । ଆମ ଭାରତରେ ୫୨ଟି ସେକ୍ଟରରେ ୩୦୦୦ରୁ ଅଧିକ ଚାକିରି ବା ବୃତ୍ତି ଅଛି ସେ ବିଷୟରେ (କ୍ୟାରିୟର କାଉନସେଲିଂ) ମୁଁ ପରବର୍ତ୍ତୀ ପର୍ଯ୍ୟାୟରେ ଉପସ୍ଥାପନା କରିବି । ଶିକ୍ଷା ସମ୍ବନ୍ଧିତ ସମସ୍ୟା ପାଇଁ ୯୯୩୭୭୭୪୧୭୨ ଦୂରଭାଷରେ ଯୋଗାଯୋଗ କରିପାରିବେ ।

ଏଜୁକେସ୍‌ନାଲ୍ କାଉନ୍‌ସେଲର୍
ବାବୁସାହି, ବୌଦ୍ଧ-୭୬୨୦୧୪
ଦୂରଭାଷ : ୯୯୩୭୭୭୪୧୭୨

# ଭାରତୀୟ ଯବାନଙ୍କ ସହ ମତ ବିନିମୟ କରିବା ଲାଗି ଲଦାଖର ନିମୁ ଗସ୍ତ କଲେ ପ୍ରଧାନମନ୍ତ୍ରୀ



* ଭାରତର ଶତ୍ରୁମାନେ ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ ଦେଖିଛନ୍ତି
* ଗତ କିଛି ସପ୍ତାହ ମଧ୍ୟରେ ଆମ ସୈନିକମାନଙ୍କର ଦୃଷ୍ଟାନ୍ତମୂଳକ ସାହସିକତା ବିଶ୍ୱବାସୀଙ୍କୁ ଆମର ସାହସ ସଂପର୍କରେ ଅବଗତ କରିଛି
* ଶାନ୍ତି ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ଭାରତର ଦୁର୍ବଳତା ଭାବିବା ଉଚିତ ନୁହେଁ
* ବିସ୍ତାରବାଦର ଯୁଗ ଆଉ ନାହିଁ, ଏବେ ହେଉଛି ବିକାଶର ସମୟ
* ସୀମାର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ତିନିଗୁଣ ଅଧିକ ଖର୍ଚ୍ଚ କରାଯାଇଛି

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଜବାନମାନଙ୍କ ସହ ମତ ବିନିମୟ କରିବା ଲାଗି ଲଦାଖର ନିମୁ ଗସ୍ତ କରିଛନ୍ତି । ଜନସ୍କର ପର୍ବତମାଳା ଦ୍ୱାରା ପରିବେଷ୍ଟିତ ନିମୁ ସିନ୍ଧୁ ନଦୀ କୂଳରେ ଅବସ୍ଥିତ । ପ୍ରଧାନମନ୍ତ୍ରୀ ଭାରତୀୟ ସେନାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟିବା ପରେ ସ୍ଥଳସେନା, ବାୟୁସେନା ଓ ଆଇଟିବିପିର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

ପ୍ରଧାନମନ୍ତ୍ରୀ ସଶସ୍ତ୍ର ସେନାର ସାହସିକତା ପ୍ରତି ଗଭୀର କୃତଜ୍ଞତା ଜଣାଇ ଦେଶ ମାତୃକା ପ୍ରତି ଆମ ସେନାର କର୍ତ୍ତବ୍ୟବୋଧ ଅତୁଳନୀୟ ବୋଲି କହିଛନ୍ତି । ଭାରତବାସୀ ଶାନ୍ତିରେ ଜୀବନଯାପନ କରୁଛନ୍ତି କାରଣ ସେମାନେ ଜାଣନ୍ତି ଆମର ସଶସ୍ତ୍ର ସେନା ଦୃଢ଼ତାର ସହିତ ଦେଶକୁ ରକ୍ଷା କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତ କିଛି ସପ୍ତାହ ମଧ୍ୟରେ ଭାରତୀୟ ସେନାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଯୋଗୁଁ ବିଶ୍ୱବାସୀ ଭାରତର ଶକ୍ତି ସଂପର୍କରେ ଅବଗତ ହୋଇଛନ୍ତି ।

ଗଲଓ୍ୱାନ ଘାଟିରେ ଦେଶ ମାତୃକାର ରକ୍ଷା ପାଇଁ ପ୍ରାଣ ବିସର୍ଜନ କରିଥିବା ଭାରତମାତାର ସମସ୍ତ ସୁପୁତ୍ରମାନଙ୍କୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି । ଯେଉଁମାନେ ଦେଶସେବା କରି ସହିଦ ହୋଇଛନ୍ତି ସେମାନେ ସମଗ୍ର ଦେଶର ସୁପୁତ୍ର ଓ ସାହସିକତାର ପ୍ରତୀକ । ସେ ଆହୁରି କହିଛନ୍ତି ଯେ, ଲେହ, ଲଦାଖ ହେଉ ବା କାରଗିଲ, ସିଆଚୀନ ହିମବାହ, ଉତ୍ତୁଙ୍ଗ ପର୍ବତମାଳା ବା ବରଫ ଭଳି ପାଣିର ସ୍ରୋତ ସବୁଠାରେ ଭାରତୀୟ ସେନା ନିଜ ଶୌର୍ଯ୍ୟର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଭାରତର ଶତ୍ରୁମାନେ ଆମ ଜବାନମାନଙ୍କ ପରାକ୍ରମ ଦେଖି ସାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ ଦୁଇ ଜଣ ମାଆଙ୍କ ପ୍ରତି ତାଙ୍କର ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ପ୍ରଥମ ହେଲେ ଭାରତମାତା ଓ ଦ୍ୱିତୀୟରେ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରି ଦେଶ ରକ୍ଷା ପାଇଁ ସହିଦ ହୋଇଥିବା ସାହସୀ ସୈନିକମାନଙ୍କ ମାତୃବୃନ୍ଦ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କାଳ କାଳ ଧରି ଶାନ୍ତି, ବନ୍ଧୁତ୍ୱ ଓ ସାହସିକତା ଭାରତୀୟ ସଂସ୍କୃତିର ଅଭିନ୍ନ ଅଂଶ ଭାବେ ରହି

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ସଟ୍‌କଟ୍ ନ୍ୟୁଜ୍

ମୁମ୍ବାଇ : ସୁନାମଧନ୍ୟା ନୃତ୍ୟ ସଂଯୋଜକ ସରୋଜ ଖାନ୍‌ଙ୍କ ୭୧ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କ ପରଲୋକରେ ନୃତ୍ୟ ଜଗତରେ ଶୋକର ଛାୟା ଖେଳି ଯାଇଛି ।

କାନପୁର : ୟୁପି.ର କାନପୁର ଜିଲ୍ଲା ଅନ୍ତର୍ଗତ ଏକ ଗ୍ରାମରେ କୁଖ୍ୟାତ ୱାଣ୍ଟେଡ୍ ଗ୍ୟାଙ୍ଗ୍‌ଷ୍ଟାର୍ ବିକାଶ ଦୁବେକୁ ପୁଲିସ ଗିରଫ୍ କରିବାକୁ ଯିବା ସମୟରେ ପୁଲିସ ଟିମ୍ ଉପରେ ଅଚାନକ ଗୁଳି ମାଡ଼ ହେବା ଫଳରେ ଜଣେ ଡିଏସ୍‌ପିଙ୍କ ସମେତ ୮ ଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି ।

ବ୍ରହ୍ମପୁର : ଗଂଜାମ ଜିଲ୍ଲାରେ କରୋନା ସଂକ୍ରମଣ ଭୟାବହ ରୂପ ନେଇଛି । ଜିଲ୍ଲାବାସୀ ଆତଙ୍କିତ ହୋଇ ପଡ଼ିଥିବା ଜଣାପଡ଼ିଛି । ଏଭଳି ଆତଙ୍କିତ ସ୍ଥିତିର ମୁକାବିଲା ପାଇଁ ଅଂଟା ଭିଡ଼ିଛନ୍ତି ରାଜ୍ୟ ସରକାର । କୋଭିଡ୍ ପରିଚାଳନା ପାଇଁ ଦୁଇ ଜଣ ଆଇଏଏସ୍ ଅଫିସର୍ ଏବଂ ୬ ଜଣ ଓଏଏସ୍ ଅଧିକାରୀଙ୍କୁ ପଠା ଯାଇଛି ।

ଭୁବନେଶ୍ୱର : କିନ୍ନରମାନଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ୍ ପାଇଁ ଆସିଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି ।

ପାରାଦୀପ : ପଣ୍ୟ କାରବାରରେ ଦୀର୍ଘ ଦିନ ଧରି ପ୍ରଥମ ସ୍ଥାନରେ ରହି ଆସିଥିବା ଗୁଜୁରାଟର ଦୀନଦୟାଲ ବନ୍ଦରକୁ ପଛରେ ପକେଇ ପ୍ରଥମ ସ୍ଥାନ ଅଧିକାର କରିଛି ପାରାଦୀପ ବନ୍ଦର ।

ବୌଦ୍ଧ : ସଂପୃକ୍ତ ଜିଲ୍ଲାର ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ବୀରନରସିଂହପୁର ପଞ୍ଚାୟତ ଅଧୀନସ୍ଥ ଡୁମୁରିମୁଣ୍ଡା ଗାଁରେ ସାପ କାମୁଡ଼ାରେ ୩୦ ବର୍ଷୀୟ ସାପ ଧରାଳି ପ୍ରଶାନ୍ତ ମେହେରଙ୍କ ମୃତ୍ୟୁ ଘଟିଛି ।

ନୂଆପଡ଼ା : କରୋନା କଟକଣା ଓ ଲକ୍‌ଡାଉନ୍ ପ୍ରଭାବରେ ଯେନତେନ ପ୍ରକାରେଣ ନିଜ ଜନ୍ମଭୂମିକୁ ଫେରି ଆସିଥିବା ଶ୍ରମିକମାନଙ୍କ ପାଇଁ ଏବେ ପେଟ ପୋଷିବା ଚିନ୍ତା ଭୟଙ୍କର ରୂପ ନେଉଛି । ଶିଳ୍ପବିହୀନ ଜିଲ୍ଲା ନୂଆପଡ଼ାରେ ବିଭିନ୍ନ ରାଜ୍ୟରୁ ଫେରିଥିବା ଶ୍ରମିକମାନେ ସଂପୂର୍ଣ୍ଣ ହାତ ବାନ୍ଧି ବସିଛନ୍ତି ।

ଭୁବନେଶ୍ୱର : କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଧର୍ମୀୟ କାର୍ଯ୍ୟକଳାପ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କଟକଣା ଲାଗିଥିବା ବେଳେ ଚଳିତ ବର୍ଷ ବୋଲ୍‌ବମ୍‌କୁ ବନ୍ଦ କରାଯାଇଛି ।

ଭବାନୀପାଟଣା : ସାମାନ୍ୟ ବଚସାକୁ କେନ୍ଦ୍ର କରି ମଦନପୁର ରାମପୁର ବ୍ଲକ୍‌ର ଡୁଟା ଗାଁରେ ବାପ ପୁଅ ଉଭୟ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ବାପା ଦୀନବନ୍ଧୁ ଦାଶ (୬୦) ଓ ତାଙ୍କ ତାଙ୍କ ପୁଅ ଜୟ ଦାଶ(୩୦) ଏଭଳି ପଦକ୍ଷେପ ନେଇଛନ୍ତି । ଉଭୟ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ।

ଖଡ଼ିଆଳ : ସଂପୃକ୍ତ ବ୍ଲକ୍ ତୁକୁଲା ରାଜସ୍ୱ ନିରୀକ୍ଷକ ଦୀନମଣି ରାଉତରାୟ ୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି । ଅର୍ଜୁନ ନଦୀର ବାଲିଘାଟକୁ ଲିଜ୍ ଦେବା ପାଇଁ ଖଇରଭାଡ଼ି ଗାଁର ଯୁଗଳ ଠେଲାଙ୍କଠାରୁ ଲାଂଚ ନେବା ବେଳେ ଭବାନୀପାଟଣା ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି ।

ବରଗଡ଼ : ଦେଶୀ ରନ୍ଧା ମଦର ବନ୍ୟା ଛୁଟୁଛି ସହର ସାରା । ଜିଲ୍ଲା ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ଦାବୀ ।

# ଜହର ପିଉଛନ୍ତି ବେନିଆବନ୍ଧ ଗ୍ରାମବାସୀ : ୫୦ ଉପରେ ମୁଣ୍ଡ ନେଲାଣି ଫ୍ଲୋରାଇଡ୍ ପାଣି

## କିଡ଼ନୀ ରୋଗରେ ଗ୍ରାମବାସୀ ଆକ୍ରାନ୍ତ ହୋଇ ତ୍ରାହି ତ୍ରାହି ଡାକିଲେଣି

ସଇଁନ୍ତଲା, (ସ୍ୱପ୍ର) : ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଂଚଳ ପାଇଁ ଶୁଦ୍ଧ ପାଣି ଯୋଗାଉ ଥିବା ଡିଣ୍ଡିମ ପିଟୁଛନ୍ତି । ହେଲେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ବେନିଆବନ୍ଧ ଗ୍ରାମରେ ଦୀର୍ଘ ଦିନ ହେଲାଣି ଦୂଷିତ ପାଣି ଯୋଗୁଁ ବ୍ୟାପୁଛି କିଡ୍‌ନୀ ରୋଗ । ଦୂଷିତ ଜଳ ବ୍ୟବହାର ଯୋଗୁଁ ଏହି ରୋଗ ଆଜି ନୁହଁ ଦୀର୍ଘ ଦଶନ୍ଧି ଧରି ଲୋକଙ୍କୁ ଗ୍ରାସ କରି ଆସୁଛି । ଗତ ନିର୍ବାଚନ ସମୟରେ ପ୍ରଚାର କାର୍ଯ୍ୟରେ ଆସିଥିବା ତତ୍‌କାଳୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗିର ସାଂସଦ ସଙ୍ଗୀତା ସଂଦେଓ ଓ ଦଳର ବରିଷ୍ଠ ନେତୃବୃନ୍ଦ ଏହି ରୋଗ ବ୍ୟପିବାକୁ ନେଇ ଜୋର୍‌ଦାର୍ ଚର୍ଚ୍ଚା କରିଥିଲେ । ପରେ ଗ୍ରାମବାସୀଙ୍କୁ କିପରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିବ, ସେ ନେଇ ପ୍ରତିଶ୍ରୁତି ଦେଇଥିଲେ ଶ୍ରୀ ଶାହା । କିନ୍ତୁ ସେହି ପ୍ରତିଶ୍ରୁତି ଯେ ପରିକି ଗାଁ ଲୋକଙ୍କ ପାଇଁ ସାତ ସପନ ପାଲଟି ଯାଇଛି । ଏନେଇ ରାଜ୍ୟ ସରକାରଙ୍କ ଉପରେ ଖୁବ ବର୍ଷି ଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବରେ ପାଖ ନଦୀରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଗ୍ରାମବାସୀଙ୍କ ଲିଖିତ ଦାବୀ ନେଇ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀ ଶାହା କହିଥିଲେ । ଅନ୍ୟପକ୍ଷରେ କିଡ୍‌ନୀ ରୋଗରେ ମୃତ୍ୟୁ ସଂଖ୍ୟାର ତାଲିକା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଦୂଷିତ ପାଣି ପିଇ କିଡନୀ ରୋଗରେ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ଦୀପ, ଭିକାରୀ ଜାଲ, ସ୍ୱରସ୍ୱତୀ ଦୀପ, ଫଗୁନୀ ଦୀପ, କଠଲୁ ମହାନନ୍ଦ, ଦଳିତ ସାଗର, ଗୌରୀ ସାଗର, ଭୁଜେଶ୍ୱର ଭୋଇ, ଭାଗ୍ୟବତୀ ନାଗଙ୍କ ଭଳି ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି । ସେହିଭଳି କିଡନୀ ରୋଗ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଗ୍ରାମର ସବିତା ଦୀପ, ଆକାଶ ଦୀପ, ମହାଦେବ ଦୀପ, ଯୁଗେ ମହାନନ୍ଦ, ଅଷ୍ଟମୀ ଜାଲ, ଫଟୁ କୁମ୍ଭାର, ସୁରକ୍ଷା ମହାନନ୍ଦ ପ୍ରମୁଖ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ଗାଁରେ ପ୍ରାୟ ୪୦୦ରୁ ଅଧିକ ଜନସଂଖ୍ୟା ହୋଇଥିବା ବେଳେ ୧୦୦ରୁ ଅଧିକ ପରିବାର ବସବାସ କରୁଛନ୍ତି । କିନ୍ତୁ ସେମାନଙ୍କ ପାଇଁ ୨ଟି ନଳକୂପ ଅଛି କିନ୍ତୁ ସରକାରୀ ସ୍ତରରେ ଯାଂଚ ପରେ ପାଣିରେ ଫ୍ଲୋରଇଡ ଅଧିକ ଥିବା ଜଣାପଡିଛି । ହେଲେ ସରକାରୀ ସ୍ତରରେ ଅଦ୍ୟାବଧି କୌଣସି ତତ୍ପରତା ପ୍ରକାଶ ପାଉନ ଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସ୍ୱାଧୀନତାର ଏତେ ବର୍ଷ ବିତି ଯାଇ ସାରିଥିଲେ ସୁଦ୍ଧା ସଂପୃକ୍ତ ଗ୍ରାମବାସୀଙ୍କୁ ଶୁଦ୍ଧ ପାଣି ପିଇବାକୁ ଯୋଗେଇ ଦେଇ ନ ପାରିବା, ସରକାରଙ୍କ ପାଇଁ ଏକ ବିଶେଷ ବିଫଳତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏନେଇ ସଇଁନ୍ତଲା ବିଡିଓ ଦେବାଶିଷ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେହି ଗ୍ରାମ ପାଇଁ ସ୍ଥାନୀୟ କଲେଜରେ ଭଲ ପାଣି ବାହାରିଥାଏ । ତେବେ ଖୁବଶୀଘ୍ର ଜଳ ଯୋଗାଣର ବ୍ୟବସ୍ଥା କରାଯିବ ।


ଫାଇଲ୍ ଫଟୋ : ନିର୍ବାଚନ ସମୟରେ ପ୍ରଚାର କାର୍ଯ୍ୟରେ ଆସିଥିବା ତତ୍‌କାଳୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବର୍ତ୍ତମାନର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଗ୍ରାମବାସୀମାନେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ବନ୍ଧୀୟ ଦାବୀପତ୍ର ପ୍ରଦାନ କରୁଥିବା ଦୃଶ୍ୟ ।

### ସେମାନଙ୍କ ମୁହଁରୁ....

ଅନେକ ନେତା ମନ୍ତ୍ରୀ ଆସି ବଡ଼ ବଡ଼ ଭାଷଣ ଦେଇ ପ୍ରତିଶ୍ରୁତି ଦେଇଥିଲେ ତୁମ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରିବୁ ବୋଲି । ହେଲେ ସବୁ ପ୍ରହସନ । ମୁଁ ୨୦୧୪ ମସିହାରୁ କିଡ୍‌ନୀ ରୋଗ ଭୋଗୁଛି । ଚିକିତ୍ସା ପାଇଁ ଟଙ୍କା ନାହିଁ । ମୃତ୍ୟୁ ସହ ଏବେ ସଂଘର୍ଷ କରୁଛି ମୁଁ ।

**ସବିତା ଦୀପ, ସ୍ଥାନୀୟ ଗ୍ରାମବାସୀ**

ବର୍ତ୍ତମାନର କେନ୍ଦ୍ର ସରକାର ଗତ ନିର୍ବାଚନ ବେଳେ ପ୍ରଚାର ବେଳକୁ ଆସି ବଡ଼ ବଡ଼ ଭାଷଣ ଦେଇ କାମ ସାରିଦେଲେ । ହେଲେ ଗ୍ରାମକୁ ନା’ ମିଳିଲା ଶୁଦ୍ଧ ପାଣି ନା’ ମିଳିଲା ଚିକିତ୍ସା ପାଇଁ କିଛି ସୁବିଧା । ସରକାରଙ୍କ ଏଭଳି ପଦକ୍ଷେପକୁ ମୁଁ ଦୃଢ଼ ନିନ୍ଦା କରୁଛି ।

**ଦେବେନ୍ଦ୍ର ଯୋଶୀ, ସଭାପତି**
**ସଇଁନ୍ତଲା ଆଂଚଳିକ ସାମ୍ବାଦିକ ସଂଘ**

ଦୁଃଖର ବିଷୟ ଯେ ଦେଶ ସ୍ୱାଧୀନ ହେବାର ଏତେ ବର୍ଷ ବିତି ଯାଇଥିଲେ ସୁଦ୍ଧା ବେନିଆବନ୍ଧ ଗ୍ରାମକୁ ଶୁଦ୍ଧ ପାଣି ମୁନ୍ଦାଏ ସରକାର ଯୋଗାଇ ଦେଇ ପାରୁନାହାନ୍ତି । ଦୂଷିତ ପାଣି ପିଇ ଜୀବନ ବାଜି ଲାଗୁଛି ଏ ଗାଁରେ । ଅସାଧ୍ୟ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅସମ୍ଭାଳ ଯନ୍ତ୍ରଣା ସହ ମୃତ୍ୟୁ ବରଣ କରୁଛନ୍ତି ଗ୍ରାମବାସୀ । ସରକାରଙ୍କ ଏଭଳି ଅଣଦେଖାକୁ ମୁଁ ଦୃଢ଼ ନିନ୍ଦା କରୁଛି ।

**ରଂଜନ ବାରିକ,**
**ଆଇନଜୀବୀ, ସଇଁନ୍ତଲା**


ଦୂଷିତ ପାଣି ବାହାରୁଥିବା ଗ୍ରାମରେ ଥିବା ନଳକୂପ ।

ଯେଉଁଭଳି ଭାବରେ ଗ୍ରାମବାସୀମାନେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ, ତାହା ନିଶ୍ଚୟ ଦୁଃଖଜନକ ବିଷୟ । କେବେ ସରକାର ଏହି ଗ୍ରାମ ପାଇଁ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବେ, ସେହି ଅପେକ୍ଷାରେ ଗ୍ରାମବାସୀ । ତେବେ ରାଜ୍ୟ ଓ କେନ୍ଦ୍ର ସରକାର ଏହି ଗ୍ରାମ ପାଇଁ ଖୁବ୍ ଶୀଘ୍ର ପାନୀୟ ଜଳ ବ୍ୟବସ୍ଥା କରନ୍ତୁ । ନଚେତ୍ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ।

**ପ୍ରମୋଦ ଭୋଇ, ସଇଁନ୍ତଲା ବ୍ଲକ ଉପାଧ୍ୟକ୍ଷ, ସଇଁନ୍ତଲା**

# ବ୍ରହ୍ମପୁର ଏମକେସିଜିରେ ପ୍ଲାଜମା ଥେରାପି ୟୁନିଟ୍ ପ୍ରତିଷ୍ଠା ହେଉ : ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ

ବ୍ରହ୍ମପୁର, (ସ୍ୱପ୍ର) : କରୋନା ଚିକିତ୍ସା ପାଇଁ ରାଜ୍ୟର ୪ଟି ଡାକ୍ତରଖାନାରେ ପ୍ଲାଜମା ଥେରାପି ୟୁନିଟ ସ୍ଥାପନ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ୟୁନିଟକୁ ବ୍ରହ୍ମପୁର ଏମକେସିଜିରେ ମଧ୍ୟ ସ୍ଥାପନ ନିମନ୍ତେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ବରିଷ୍ଠ ଉପଦେଷ୍ଟା ତଥା ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଆବାହକ ରବି ରଥ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଯେ ଇତିମଧ୍ୟରେ ରାଜ୍ୟ ସରକାର ଭୁବନେଶ୍ୱରର ସମ୍, କିମ୍‌ସ୍ ହସ୍ପିଟାଲ, କଟକର ଏସସିବି ଓ ଅଶ୍ୱିନୀ ହସ୍ପିଟାଲରେ ପ୍ଲାଜମା ଥେରାପି ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୟୁନିଟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କରୋନା ଅଧ୍ୟୁଷିତ ଗଞ୍ଜାମ ଜିଲାର ଅବସ୍ଥା ଦିନକୁ ଦିନ ସାଂଘାତିକ ହେଉଥିବା ବେଳେ ବ୍ରହ୍ମପୁର ଏମକେସିଜି ମେଡିକାଲରେ ପ୍ରଥମ ପର୍ଯ୍ୟାୟରେ ଏହି ଚିକିତ୍ସା ସେବା ଆରମ୍ଭ ନିମନ୍ତେ ନିଷ୍ପତ୍ତି ନିଆଯାଇ ନଥିବାରୁ ଶ୍ରୀ ରଥ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ଲାଜମା ଥେରାପି ଚିକିତ୍ସା ସେବା ଆରମ୍ଭ କରିବାକୁ ଇତିମଧ୍ୟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଷୟିକ କମିଟି ଗଠନ କରିଛନ୍ତି । ଏହି ପଦ୍ଧତିରେ ଚିକିତ୍ସା ପାଇଁ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରାଯାଇଛି । ଅପରପକ୍ଷରେ ନିର୍ଦ୍ଦିଷ୍ଟ ଭାବେ କେଉଁ ବର୍ଗର ରୋଗୀମାନେ ଏହି ଥେରାପିରେ ଉପକୃତ ହୋଇପାରିବେ ଏହି କମିଟି ସରକାରଙ୍କୁ ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିବ । ତେବେ ଗଞ୍ଜାମ ଜିଲାରେ କରୋନା ନିଜର କାୟା ବିସ୍ତାର କରି ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ପାର ହୋଇସାରିଛି । କରୋନା ତା’ର ସାଂଘାତିକ ରୂପ ଦେଖାଇବାରେ ଲାଗିଛି । ଗଞ୍ଜାମ ଜିଲାର ସମସ୍ତ ବ୍ଲକ ଏନଏସି ସମେତ ବ୍ରହ୍ମପୁର ମହାନଗର ଅଂଚଳରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗଞ୍ଜାମ ଜିଲାରେ ରାଜ୍ୟର ସର୍ବାଧିକ ଆକ୍ରାନ୍ତ ରହିଥିବାରୁ ଏହାକୁ ଆଖି ଆଗରେ ରଖି ସରକାର ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ଏମକେସିଜି ମେଡିକାଲ କଲେଜରେ ପ୍ଲାଜମା ଥେରାପି ଚିକିତ୍ସା ସେବା ଆରମ୍ଭ କରିବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ପେଟ୍ରୋଲ ଓ ଡିଜେଲ ଦରହ୍ରାସ ସକାଶେ ବ୍ଲକ କଂଗ୍ରେସ ପକ୍ଷରୁ ଦାବୀପତ୍ର

ଲୋଇସିଂହା, (ସ୍ୱପ୍ର) : ମହାମାରୀ କରୋନା ଯୋଗୁଁ ଦେଶ ଘଡିସନ୍ଧି ମୁହୁର୍ତ୍ତରେ ଗତି କରୁଥିବା ବେଳେ ଲୋକେ କାମଧନ୍ଦା ଅଭାବରୁ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ତେବେ ଏପରି ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲରେ ଉତ୍ପାଦ ଶୁଳ୍କ ଓ ଭାଟ ଉପରେ ଅତ୍ୟଧିକ ଟିକସ ଲଗାଇଥିବା ଯୋଗୁଁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଘଟିଛି । ଫଳରେ ସାଧାରଣ ଖାଉଟି ଉପରେ ଏହାର କୁପ୍ରଭାବ ପଡୁଛି । ତେଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଉଭୟ କ୍ଷେତ୍ର ଦରରେ ଟିକସ

(ସପ୍ତମ ପୃଷ୍ଠା ଦେଖନ୍ତୁ)



# ମୃତ ଅବସରପ୍ରାପ୍ତ ସୈନିକଙ୍କ ଅସହାୟ ବୃଦ୍ଧା ପତ୍ନୀଙ୍କୁ ମିଳୁନାହିଁ ଫେମିଲି ପେନ୍‌ସନ୍

## ଜଣେ ବିଧବା ଝିଅ ଓ ଜଣେ ଅବିବାହିତା ଝିଅଙ୍କୁ ପୋଷିବା ପାଇଁ ମୃତ ଅବସରପ୍ରାପ୍ତ ସୈନିକଙ୍କ ପତ୍ନୀ ୭୦ ବର୍ଷୀୟା ବୃଦ୍ଧା ଏବେ ପରଘରେ ବାସନ ଧୋଉଛନ୍ତି

- ➤ ମୃତ ଅବସରପ୍ରାପ୍ତ ସୈନିକଙ୍କ ବୃଦ୍ଧା ପତ୍ନୀ ପରଘରେ ବାସନ ଧୋଇ କୁଟୁମ୍ବ ପୋଷୁଛନ୍ତି
- ➤ ସରକାରୀ ଯୋଜନାରୁ ବଂଚିତ ବୃଦ୍ଧା
- ➤ ପାଂଚ ଶହ ଟଙ୍କା ବିଧବା ଭତାରେ ନିଜ ଅବିବାହିତ ଓ ବିଧବା ଝିଅ ସହ ୩ କୁଟୁମ୍ବ ପରିବାର ପୋଷଣ କରୁଛନ୍ତି



କଂଟାବାଂଜି,(ଡି.ଏନ.ଏ.) ବଲାଙ୍ଗିର ଜିଲ୍ଲା କଂଟାବାଂଜି ପୌରାଂଚଳର ୱାର୍ଡ ନଂ.୧୧ ବଙ୍ଗୋମୁଣ୍ଡା ରେଳ ଫାଟକ ତଳେ ରହନ୍ତି ତିନି ମାଆ ଝିଅ । ବଲାଙ୍ଗିର-କଂଟାବାଂଜି-ବଗୋମୁଣ୍ଡା ରାଜ୍ୟ ରାଜପଥ କଡ଼ରେ ଥିବା ପୋଖରୀ ହିଡରେ ଏକ କୁଡିଆ ଘରେ ବସବାସ କରନ୍ତି ବୃଦ୍ଧା । ସ୍ୱାମୀ ଜଣେ ଅବସରପ୍ରାପ୍ତ ସୈନିକ ଥିଲେ । ପରିବାର କହିଲେ ତାଙ୍କ ୩ଟି ପୁଅ ଓ ଦୁଇଟି ଝିଅ । ସ୍ୱାମୀଙ୍କ ମୃତ୍ୟୁ ପରେ ପରେ ଦୁଇଟି ଅବିବାହିତ ପୁଅର ମୃତ୍ୟୁ ଏବଂ ଗୋଟିଏ ପୁଅର ନିଖୋଜ ସହିତ ଗୋଟିଏ ବିଧବା ଝିଅ ଓ ଗୋଟିଏ ଅବିବାହିତ ଝିଅକୁ ନେଇ ବର୍ତମାନ ନିଜର ଜୀବନକୁ ବଂଚାଇବା ପାଇଁ ପର ଘରେ ମୂଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ତିନି ମାଆ ଝିଅ ନିଜର ଗୁଜୁରାଣ ମେଂଟାଇ ଥା'ନ୍ତି । ତାଙ୍କୁ ଆହା କରିବାକୁ କେହି ନାହିଁ । ବିଭିନ୍ନ ସମୟରେ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ ମଧ୍ୟ ସାହାଯ୍ୟର ହାତ ବଢାଇବା ପାଇଁ ଆସିଛି । କିନ୍ତୁ କିଛି ଲାଭ ହୋଇନି । ବିଭିନ୍ନ ସମୟରେ କେତେକ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଯାଇଛନ୍ତି ସାହାଯ୍ୟ କରିବା ପାଇଁ; ହେଲେ ସେମାନେ ମଧ୍ୟ କିଛି କରି ପାରି ନାହାନ୍ତି । ଦୀର୍ଘ ୪/୫ ବର୍ଷ ହେଲା ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ଗୁହାରି କରି ଥିଲେ ମଧ୍ୟ କେହି ହେଲେ କେବେ ସାହାଯ୍ୟର ହାତ ବଢାଇ ନାହାନ୍ତି । ଏପରିକି ନିଜ ମୃତ ଅବସରପ୍ରାପ୍ତ ସ୍ୱାମୀର ଫେମଲି ପେନସନ ପାଇବା ଠାରୁ ଆରମ୍ଭ କରି ମଧୁବାବୁ ପେନସନ କିମ୍ବା ଅନ୍ୟ ବୃଦ୍ଧାବନ୍ଧା ପେନସନରୁ ମଧ୍ୟ ବଂଚିତ ହୋଇଛନ୍ତି ।

ମିଳିଥିବା ବିଶେଷ ଅନୁସଂଧାନରୁ ଜଣାଯାଏ ଯେ ମଂଜୁ ବୋହିଦାର (୭୦) କଂଟାବାଂଜି ୱାର୍ଡ ନଂ.୧୧ ବଙ୍ଗୋମୁଣ୍ଡା ରେଳ ଫାଟକ ତଳେ ରହନ୍ତି । ବଲାଙ୍ଗିର-କଂଟାବାଂଜି-ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ-୪୨ର କଡ଼ରେ ଥିବା ପୋଖରୀ ହିଡରେ କୁଡିଆ ଘର କରି ରହନ୍ତି । ସ୍ୱାମୀ କାହ୍ନୁ ଚରଣ ବୋହିଦାର ଜଣେ ଅବସରପ୍ରାପ୍ତ ସୈନିକ ଥିଲେ । ତାଙ୍କ ଚାକିରି କାଳ ମଧ୍ୟରେ ସେ ୧୯୬୨ରେ ଭାରତ- ଚୀନ ଓ ୧୯୭୨ରେ ଭାରତ -ପାକିସ୍ତାନ ଯୁଦ୍ଧରେ ସାମିଲ ହୋଇଥିଲେ ବୋଲି ଶୁଣିବାକୁ ମିଳେ । ୪/୫ବର୍ଷ ତଳେ ତାଙ୍କ ମୃତ୍ୟୁ ହୋଇଛି । ସେ ଜୀବିତ ଥିବା ବେଳେ ଅବସରକାଳୀନ ପେନସନ ପାଉଥିଲେ । କିନ୍ତୁ ତାଙ୍କ ମୃତ୍ୟୁ ପରେ ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ଅବସରକାଳୀନ ଫ୍ୟାମିଲି ପେନସନ ମିଳିନାହିଁ । ବାରମ୍ବାର ମଂଜୁ ବୋହିଦାର ପେନସନ ପାଇଁ ଆବଶ୍ୟକ କାଗଜାଦ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଦେଇ ସାରିଛନ୍ତି । ଏପରିକି ଜିଲ୍ଲା ସୈନିକ ସଂଘ ବଲାଙ୍ଗିରର ସଂପାଦକ ମଧ୍ୟ ମଂଜୁ ସହ ଦେଖା କରି ପେନସନ କରାଇ ଦେବା ପାଇଁ କାଗଜପତ୍ର ନେଇଛନ୍ତି । କିନ୍ତୁ କିଛି କାମ ହୋଇନି । ଫଳରେ ମଂଜୁ ତାଙ୍କ ଏକ ଅବିବାହିତ ଝିଅ ଏବଂ ଜଣେ ବିଧବା ଝିଅକୁ ପାଳନ ପୋଷଣ କରିବା ନେଇ ଅନେକ କଷ୍ଟ ପାଉଛନ୍ତି । ମଂଜୁଙ୍କୁ ଖଣ୍ଡେ ରେସନ କାର୍ଡ ମଧ୍ୟ ଆଜି ଯାଏ ମିଳିନାହିଁ । ପୁଣି ନିଜର ଘର ଖଣ୍ଡେ ନ ଥିବାରୁ ସରକାରୀ ଜାଗାରେ କୁଡିଆ ଘର କରି ରହି ଆସୁଛନ୍ତି । ଅନେକ ସମୟରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ସାହାଯ୍ୟ କରିବାକୁ ଯାଇ ସରକାରୀ ଯୋଜନାରେ ସାମିଲ କରି ପାରିନାହାନ୍ତି ବୋଲି କୋହଭରା କଣ୍ଠରେ କୁହନ୍ତି ମଂଜୁ । ପରିବାର ପୋଷଣ ପାଇଁ ପର ଘରେ ବାସନ କୁସନ ମାଜି ଦୁଇ ଓଳି ପେଟ ପୋଷୁଛନ୍ତି ମଂଜୁ । ବିଧବା ମା' ସହ ଜଣେ ବିଧବା ଝିଅ ଓ ଜଣେ ଅବିବାହିତ ଝିଅ ସରକାରୀ ସାହାଯ୍ୟ ପାଇବା ଆଶାରେ ଆଖି ବିଛେଇ ଚାହିଁ ବସିଛନ୍ତି ।

ତେବେ ଏ ସଂପର୍କରେ ବଲାଙ୍ଗିର ଜିଲ୍ଲା ସୈନିକ ସଂଘର ସଂପାଦକ ପ୍ରତାପ ଚନ୍ଦ୍ର ରଥଙ୍କୁ ପଚରା ଯିବାରୁ ସେ ଉପରୋକ୍ତ ବିଷୟ ସତ ବୋଲି କହିବା ସହ ମଂଜୁ ବୋହିଦାରଙ୍କ ଫେମିଲି ପେନ୍‌ସନ୍ ପାଇଁ ସଂଘ ପଦକ୍ଷେପ ନେଇଛି ଏବଂ ଖୁବ୍ କମ୍ ସମୟ ଭିତରେ ସେ ପେନ୍‌ସନ୍ ପାଇବେ ବୋଲି କହିଛନ୍ତି । ଶ୍ରୀ ରଥ ଆହୁରି କହିଛନ୍ତି ଯେ, ମୁଁ ମୋ ବ୍ୟକ୍ତିଗତ ଖର୍ଚ୍ଚରେ ସମ୍ବଲପୁରରେ ଅବସ୍ଥିତ ଜିଲ୍ଲା ସୈନିକ ବୋର୍ଡ଼ କାର୍ଯ୍ୟାଳୟକୁ ବାରମ୍ବାର ଯାଇ କେବଳ ମଂଜୁ ବୋହିଦାରଙ୍କ ନୁହେଁ ଅନେକ ମୃତ ପୂର୍ବତନ ସୈନିକଙ୍କ ବିଧବା ପତ୍ନୀମାନଙ୍କ ପେନ୍‌ସନ୍ ନିମନ୍ତେ ଧା' ଦଉଡ କରୁଛି । ଏପରିକି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୂର୍ବତନ ସୈନିକ ମୋନିଟରିଂ କାର୍ଯ୍ୟାଳୟ ସ୍ଥାପନ ପାଇଁ ଦୀର୍ଘ ୭ ବର୍ଷ ହେଲା ଦାବୀ କରି ଆସୁଛି; କିନ୍ତୁ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ନଥିବା ମତେ କଷ୍ଟ ଦେଉଛି ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି । ଯେଉଁ ସୈନିକମାନେ ଦିନେ ଦେଶର ସୁରକ୍ଷା ପାଇଁ ନିଜ ଜୀବନକୁ ଜଳାଂଜଳି ଦିଅନ୍ତି, ସେମାନଙ୍କ ପରିବାର ପ୍ରତି ସରକାର ଉଦାସୀନ ହେବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସେ କହିଛନ୍ତି ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କର ପ୍ରତିବାଦ ଦିବସ

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବୀପତ୍ର ପ୍ରଦାନ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗିର ସ୍ଥିତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତୃତ୍ୱ ଓ କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, ଜନ ବିରୋଧୀ ନୀତି ବିରୁଦ୍ଧରେ ପ୍ରତିବାଦ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଅଶ୍ରୁ ବଲାଙ୍ଗିର ଶାଖାର ଜିଲ୍ଲା ସଂପାଦକ ସୁରୁଲାଲ ମଟାରୀଙ୍କ ଆବାହକତ୍ୱରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ଏଆଇଟିୟୁସି, ସିଆଇଟିୟୁ, ଆଏନ୍‌ଟିୟୁସି, ଏଆଇଟିୟୁ ଏବଂ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାଙ୍କ ବୀମା ସ୍ୱାଧୀନ ଫେଡେରେସନର କର୍ମକର୍ତ୍ତାମାନେ ସରକାରଙ୍କ ବିରୁଦ୍ଧରେ ସମବେତ ହୋଇ ପ୍ରତିବାଦ କରିଛନ୍ତି । ଦାବୀ ଗୁଡିକ ହେଲା ସମସ୍ତଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟସେବା ତଥା ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ କରିବା, ୬ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୦କେଜି ଲେଖାଏଁ ଚାଉଳ ପ୍ରଦାନ କରିବା, କର ପ୍ରଦାନ କରୁନଥିବା ପରିବାରଙ୍କୁ ୭୫୦୦ ଟଙ୍କା ଲେଖାଏଁ ଆଗାମୀ ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରିବା, ନରେଗା ଶ୍ରମିକଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା, ଖାଉଟି ସୁରକ୍ଷା ନୀତିର ଲୋକଙ୍କ ହିତରେ ପୁନର୍ନିର୍ଦ୍ଧାରଣ କରିବା, ସମସ୍ତଙ୍କ ପାଇଁ ୬ ଘଂଟା କାମ ପୁନଃ ନିର୍ଦ୍ଧାରଣ କରିବା, ସର୍ବନିମ୍ନ ଦରକାର ୨୧ହଜାର ଟଙ୍କା, ଚାକିରିର ସୁରକ୍ଷା ପ୍ରଦାନ କରିବା, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ତଥା ଲାଭ ଜନକ ସଂସ୍ଥାମାନଙ୍କର ଏଫ୍‌ଡିଆଇ ପ୍ରତ୍ୟାହାର କରିବା, ଔଷଧ ଦରଦାମକୁ ନିୟନ୍ତ୍ରଣ କରିବା ତଥା ମେଡିକାଲ ଯନ୍ତ୍ରପାତି ଉପରେ ଉତ୍ପାଦନ ଖର୍ଚ୍ଚକୁ ନେଇ ଦର ନିୟନ୍ତ୍ରଣ କରିବା ଏବଂ ନିଯୁକ୍ତିଦାତା ତଥା ଫାର୍ମା କଂପାନୀ ମାଲିକଙ୍କ ବେଆଇନ କାର୍ଯ୍ୟକଳାପ ତଥା ସର୍ତ୍ତରେ ଅଙ୍କୁଶ ଲଗାଇବା ତଥା ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା । ଏ ସବୁ ଦାବୀମାନଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନରାୟଣ ସିଂ ଲାଗୁରିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ଦାବୀପତ୍ର ପ୍ରଦାନ ସମୟରେ ଓଡିଶା ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ କର୍ମଚାରୀ ସଂଘ ତଥା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଏମ୍ପ୍ଲଇଜ ଏସୋସିଏସନର ସାଧାରଣ ସଂପାଦକ ପୁଳିନ ମିଶ୍ର, ଅଶ୍ରୁର ରାଜ୍ୟ ଉପସଭାପତି ତଥା ସିଆଇଟିୟୁ ସଭ୍ୟ ଅନିରୁଦ୍ଧ ମହାପାତ୍ର, ଅଶ୍ରୁ ଜିଲ୍ଲା ସଂପାଦକ ସୁରୁଲାଲ ମଟାରୀ, ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ଏଆଇଟିୟୁସି ସଂପାଦକ ଦେବାଶିଷ ବାବୁ, ଶ୍ରମିକ ନେତା ଦେବାଶିଷ ମିଶ୍ର, ସିଆଇଟିୟୁ ତଥା ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ସଭାପତି ପବିତ୍ର ଖୁଣ୍ଟିଆ, ସମ୍ବିତ କୁମାର ପଣ୍ଡା, ଆଇଏନ୍‌ଟିୟୁସିର ଦେଓଗାଁ ବ୍ଲକ ସଭାପତି ପୁରନ୍ଦର ଭୋଇ, ରାଧାକାନ୍ତ ଭୋଇ, ବାପୁନି କୁମାର ସାହୁ, ଆକାଶ ମିଶ୍ର, ଅମର ମିଶ୍ର, ଲୋପନ ମିଶ୍ର, ଭାଗିରଥୀ ପଣ୍ଡା ଏବଂ ବାସୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**ମାସ୍କ ପିନ୍ଧନ୍ତୁ, ବାରମ୍ବାର ସାବୁନରେ ହାତ ଧୁଅନ୍ତୁ,**
**ସାମାଜିକ ଦୂରତା ରକ୍ଷା କରନ୍ତୁ...**
**କରୋନା ସଂକ୍ରମଣରୁ ରକ୍ଷା ପାଆନ୍ତୁ ।**

**ଆମ ରାଜ୍ୟର କେତେକ ଜିଲ୍ଲାରେ ଏବେ**
**ଅସମ୍ଭାଳ ସ୍ଥିତି କରୋନା ସଂକ୍ରମଣରେ...**
**ଏମିତି ସମୟରେ ନିଜକୁ ସମ୍ଭାଳି କରୋନାରୁ**
**ରକ୍ଷା ପାଇବା ଏକାନ୍ତ ଆବଶ୍ୟକ ।**

# ମୁଖ୍ୟମନ୍ତ୍ରୀଙ୍କୁ ନରସିଂହଙ୍କ ଚିଠି : ଘୋର ଅବ୍ୟବସ୍ଥାରେ ଚାଲିଛି ରାଜ୍ୟ

## ଅଗଷ୍ଟ ତୃତୀୟ ସପ୍ତାହରେ ଡକାଯାଉ ବିଧାନସଭା ଅଧିବେଶନ


ବଲାଙ୍ଗିର, (ନିପ୍ର) : କରୋନା ବିରୁଦ୍ଧରେ ଲଢେଇକୁ ବିଧାନସଭା ଭିତରେ ହେଉ କି ବାହାରେ ରାଜ୍ୟ ସରକାରଙ୍କୁ ଲୋକଙ୍କ ସ୍ୱାର୍ଥ ପାଇଁ ସବୁ ଜାଗାରେ ସମର୍ଥନ କରାଯାଇଛି । କିନ୍ତୁ ଗତ ତିନି ମାସ ସରକାରଙ୍କ କରୋନା ବିରୁଦ୍ଧରେ ଲଢେଇକୁ ଯଦି ତର୍ଜମା କରାଯିବ ସରକାର ସବୁ ଜାଗାରେ ଫେଲ ମାରିଛନ୍ତି । ବର୍ତ୍ତମାନ ୭ହଜାରରୁ ଊର୍ଦ୍ଧ୍ୱ ଲୋକ କରୋନା ସଂକ୍ରମିତ । ଏମାନଙ୍କ ସଂଖ୍ୟା ରାଜ୍ୟରେ ଆହୁରି ଦ୍ରୁତ ଗତିରେ ବଢୁଛି । ଯଦିଓ ଅନ୍ୟ ରାଜ୍ୟ ତୁଳନାରେ ସଂକ୍ରମିତ ସଂଖ୍ୟାକୁ ଦେଖିଲେ ଆମ ସ୍ଥିତି ଟିକିଏ ଭଲ କିନ୍ତୁ ସବୁବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଆମେ ସମ୍ପୂର୍ଣ୍ଣ ଫେଲ ମାରିଛୁ । ଗଞ୍ଜାମ ଜିଲ୍ଲାରେ ଅନେକ ଔଷଧ ଦୋକାନ ସବୁ ବନ୍ଦ ହୋଇ ପଡିଛି । ଡାକ୍ତରଖାନାକୁ ଡାକ୍ତର ଯାଉ ନାହାନ୍ତି । ତଥାପି ପ୍ରଶାସନ ସେ ସବୁ ଜାଗାରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଏପରିକି ଭୁବନେଶ୍ୱରରେ ଡାକ୍ତର ରୋଗୀଙ୍କ ରକ୍ତଚାପ ମାପିବା ପାଇଁ ଭୟ କରୁଛନ୍ତି । ବଲାଙ୍ଗିର ଜିଲ୍ଲାର କଥା ଆହୁରି ସଂଗୀନ । ବଲାଙ୍ଗିରରେ ତ ସଦର ମହକୁମା ହେଉ କି ସିଏଚ୍‌ସି/ପିଏଚ୍‌ସି ହେଉ ଡାକ୍ତର ସବୁବେଳେ ଅନୁପସ୍ଥିତ ରହୁଛନ୍ତି । ତେଣୁ ସରକାର ଯେତେ ଶୀଘ୍ର ହେବ ଏ ସବୁ ସମାଧାନ କରିବାକୁ ପଡିବ ଏବଂ ଯେହେତୁ ଗତ ବିଧାନସଭା ଅଧିବେଶନ ଶୀଘ୍ର ମୁଲତବି କରାଯାଇଥିଲା ଏବଂ ସଭ୍ୟମାନଙ୍କୁ ବିଧାନସଭା ଅଧିବେଶନ ପୁଣି ଶୀଘ୍ର ବସିବ ବୋଲି ଆଶ୍ୱାସନା ଦିଆଯାଇଥିଲା, ତେଣୁ ଆଗାମୀ ଅଗଷ୍ଟ ତୃତୀୟ ସପ୍ତାହରେ ବିଧାନସଭା ଅଧିବେଶନ ଡକାଯାଉ ବୋଲି ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ରାଜ୍ୟ ବେକାରୀ ସମସ୍ୟା ତଥା ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ବହୁତ ଦୟନୀୟ । ଚାଷୀ ସେମାନଙ୍କ ଧାନ ବିକି ପାରୁନାହାନ୍ତି । ପେଟ୍ରୋଲ/ଡିଜେଲ ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି । ଫଳରେ ଏହାର ପ୍ରଭାବ ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ଜିନିସ ଦରଦାମ ବଢୁଛି । ରାଜ୍ୟରେ ଗଣତାନ୍ତ୍ରିକ ମୁଲ୍ୟବୋଧ ନାହିଁ । ଲୋକଙ୍କ ସମ୍ବିଧାନିକ ଅଧିକାର ବାରମ୍ବାର ହନନ ହେଉଛି । ଲୋକ ପ୍ରତିନିଧିଙ୍କୁ ମଧ୍ୟ ସରକାର ବିଶ୍ୱାସକୁ ନେଉ ନାହାନ୍ତି । ତେଣୁ ଏ ସବୁ ସମସ୍ୟା ସମାଧାନ ପାଇଁ ଶୀଘ୍ର ବିଧାନସଭା ଅଧିବେଶନ ଡକାଯାଉ ବୋଲି ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି ।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଟିଟିଲାଗଡ଼, (ସ୍ୱପ୍ର) : ସ୍ଥାନୀୟ ତାଲୁକ ଆଇନ ସେବା ସମିତି ତରଫରୁ ଟିଟିଲାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରାଜେଶ ନାୟର ଯୋଗଦାନ କରିଛନ୍ତି । ବର୍ତ୍ତମାନ ସମୟରେ ବୃକ୍ଷରୋପଣର ଗୁରୁତ୍ୱକୁ ହୃଦୟଙ୍ଗମ କରି ସମସ୍ତେ ବୃକ୍ଷରୋପଣ ପ୍ରତି ମନୋନିବେଶ କରିବା ଏକାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି । ସବ୍ ଜଜ ରାଜୀବ ଲୋଚନ ସାହୁ, ଏସ୍‌ଡ଼ିଜେଏମ୍ ମମତା ସାହୁ, ଜେଏମ୍‌ଏଫ୍‌ସି ସୁଧାବାଇ ଅଗ୍ରୱାଲ, ସ୍କୁଲ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାସ, ଟିଟିଲାଗଡ଼ ରେଂଜର ଜିତେନ୍ଦ୍ରୀୟ ନନ୍ଦ, ବନବିଭାଗ କର୍ମଚାରୀ ଭୁବନେଶ୍ୱର କୁମ୍ଭାର, ଭବାନୀ ସ୍ୱାଇଁ, ଆଇନ ସେବା ସମିତିର କର୍ମକର୍ତ୍ତା, ବନବିଭାଗ କର୍ମଚାରୀ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ବୃକ୍ଷରୋପଣ ପ୍ରତି ଲୋକଙ୍କୁ ଆକର୍ଷିତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧିଜୀବୀମାନେ ମତ ଦିଅନ୍ତି ।

# ଆଶାବରୀ

## ରାଜୀବ ପାଣି



ଅନ୍ତହୀନ ଶୋକର ସମୁଦ୍ର
ଅସରନ୍ତି କୋହର ତରଙ୍ଗ
ଅନନ୍ତ କାଳର
ଶୂନ୍ୟ ବାଲିପଠା ପରେ ଗଡୁଛନ୍ତି
ଶବ୍ଦହୀନ, ଗନ୍ଧହୀନ
ମଣିଷର ହାଡ଼ ।

ସବୁଠି ତ'
ନୀରବପଣର ଶୋଭାଯାତ୍ରା ପବନର
ରାଜା, ମନ୍ତ୍ରୀ, କଟୁଆଳ
ସବୁ ଅସୁସ୍ଥ
ନିଘୋଡ଼ ନିଦରେ ଏବେ
ଦେବମୂର୍ତ୍ତି ମାନ
ସୁରା ପାନରେ ମସ୍ତିଷ୍କ ବିଭ୍ରାନ୍ତ
ତେବେ କିଏ ଆସୁଛି ଖୋଜ
ଶୁଭୁଚି କାହାର ନିଶବ୍ଦ ପାଦ
କିଏ ଆସୁଛି ସନ୍ତର୍ପଣରେ !

କାହାର କାନ୍ଦଣା ସ୍ୱର
ନଅରରେ ଶୋଇଛି
କଙ୍କାଳମାନଙ୍କର ହାଡ଼
ବସ୍ତିରେ ଉଡ଼ିଲାଣି ପର
ତାଳପତ୍ର ପୋଥିରେ
ଚରିଲାଣି ଉଇ
ଫର୍ଦ୍ଦ ଫର୍ଦ୍ଦ ନଥିପତ୍ର
ଅସହାୟତାରେ ବନ୍ଦୀ
ଲିଭିଯାଏ ବିତର୍କିତ ବୀରତ୍ୱ କାହାଣୀ ।

ଗୁଣ୍ଡୁଚି ମୂଷାର ବାଲିରେ
ତିଆରି ହୋଇଯାଏ ସେତୁ
ପଥର ଆସେ
କାହିଁ କେଉଁ ଦୂର ଦିଗ୍‌ବଳୟରୁ
ନିହାଣ ମୁନରେ ଗଢ଼ାଯାଏ
ସୃଷ୍ଟି ସର୍ଜନାର କାମରୂପ
ରୂପ ପାଏ କାଳର କରାଳ
ସମୟର ସନ୍ଧିକ୍ଷଣରେ ।

ଅହଂକାରୀ ରାଜା ମୁହଁ ମୋଡ଼େ
ଶିଳ୍ପୀର ଚାତୁରୀ
ଭାସିଯାଏ ମୁହୂର୍ତ୍ତକରେ
ଅସୀମ ଶୂନ୍ୟତାରେ
କାହା ଶବ
କିଏ ଉଦ୍ଧରିବ
ଦୁର୍ଯ୍ୟୋଧନ ଧରାଶାୟୀ
ଲକ୍ଷ୍ମଣ କୁମାରର ହାଡ଼ରେ
ସାଲୁବାଲୁ ପୋକ ।

ମନେ ପଡୁଛି ତ'
କେବେ ଦିନେ ହଜି ଯାଇଥିଲା
ବୁଢ଼ାଲୋକ
ତାର ବାଡ଼ି ଓ ଚଷମା
ଗଗନ ପବନ ମୁଖରିତ
ମୁରବିପଣର ଡେଙ୍ଗା ତାଳଗଛରେ
ବଜ୍ରପାତ ହେଲା ।

କେତେ ବିଭତ୍ସ ପଣକୁ
ଆମେ ଦେଖିଛେ, ସହିଛେ
ସାହୁକାରଙ୍କ
କେତେ କେତେ ନିର୍ଯ୍ୟାତନା
ଶୁଣିଛେ କେତେ ପ୍ରାର୍ଥନା



ଖୋଜିଛେ,
କେତେ ନିର୍ବାଣ ପ୍ରାପ୍ତିର ପଥ
କେତେ ଭାବିଛେ
ଉତ୍ତର ପିଢ଼ିର ଭାଗ୍ୟ ଓ ଭବିତବ୍ୟ ।


ଦିବ୍ୟଜ୍ଞାନ, ବ୍ରହ୍ମଜ୍ଞାନ
ବୁଦ୍ଧିବାଦ ମାର୍କସବାଦ
ବିନା ଯୁଦ୍ଧେ ଦେବିନି ମୁଁ
ସୂଚ୍ୟାଗ୍ରେ ମେଦିନୀ
କୁରୁକ୍ଷେତ୍ରେ ଅଟ୍ଟହାସ୍ୟ
ଗାନ୍ଧାରୀର ଆଶୀର୍ବାଦ
ଧର୍ମର ହେଉ ଜୟ... ଜୟ ଗାନ ।

ତେବେ କେଉଁଠି ଅଟକି ଯାଇଛି ଜୀବନ
ଏବେ କେଉଁଠି ଶୁଭୁଛି
ଅନାହତ ନାଦ
ଆଖି ମିଟ୍ ମିଟ୍ କରି ଦେଖିଲେ
ଦେଖାଯାଉଛି
ଏକ ବିସ୍ତୀର୍ଣ୍ଣ ଧୂମକୁଣ୍ଡଳୀର ଛାୟା
ତା' ଭିତରୁ ଭାସି ଆସୁଛି
ଏକ ଆଶାବରୀ ରାଗ
କେବଳ ଆଶା ଓ ଆଶ୍ୱାସନାର ।।

ସ୍ୱସ୍ତି ସାହିତ୍ୟ ସଂସଦ
ରାଉରକେଲା

# ଅଦୃଶ୍ୟ ସମ୍ଭୋଗ

## ଏଲି ମହାନ୍ତି



କାହିଁକି ଲାଗେ
ତୁମେ ଯେମିତି ମିଶିକି ଅଛ
ମୋ ଚାରିପାଖର ଅନେକ ଦୃଶ୍ୟ ଭିତରେ ?

କାହା ଆଇବ୍ରୋ ଅବିକଳ ତୁମ ଭଳି
କିଏ ଅଚାନକ ଡାକିଦିଏ ମୋତେ
ତୁମରି ସ୍ୱରରେ
କାହାର ମିଛ ଭିତରେ
ମୋତେ ଦିଶେ ତୁମ ଦୁଷ୍ଟାମି
ତୁମେ ଅଛ କି
ତୁମେ ତୁମେ ଲାଗୁଥିବା
ସବୁ ପୁରୁଷଙ୍କ ଭିତରେ ?

କୋଳିବାକୁ ଇଚ୍ଛା ହୁଏ
ଇଚ୍ଛା ହୁଏ ତୁମର ଅଳ୍ପ ଅଳ୍ପ ଅଂଶ ସହ
ଯୋଡ଼ି ଦିଅନ୍ତି ବାକି ସବୁ
ସେହି ପୁରୁଷମାନଙ୍କ ଦେହରେ ।
ମୁଁ ନିରୁପାୟ,
ଯଦି ସେତିକି ଆଗ୍ରହ
ମୋତେ ବଦନାମ୍ କରେ... ।

ମୁଁ ଭଲପାଏ
ତୁମେ ଲୁଚିଥିବା ପରି ଲାଗୁଥିବା
ଅଦୃଶ୍ୟତାରେ
ତେଣୁ
ମୋତେ ନିର୍ଦ୍ୱନ୍ଦରେ ଅସତୀ କହିପାର ।

ସେହି ସମସ୍ତେ କେବେ ନା କେବେ
ଛୁଅନ୍ତି ମୋତେ ମୋ ଇଚ୍ଛାରେ
ଏକାନ୍ତରେ....
ତୁମର ସଂପୂର୍ଣ୍ଣ ଉପସ୍ଥିତି ଖୋଜୁ ଖୋଜୁ
ମୁଁ ମହମବତୀ
ସାରା ରାତି ଜଳି
ଗଳି ସାରିଥାଏ ଚଟାଣରେ
ସେହି ସବୁ ରାତିର
ପାହିବାକୁ ବାକିଥିବା ସକାଳରେ ।।

ବାରିପଦା



# ଭରତିଆ ସ୍ତ୍ରୀ

## ଅଂଜଳି ପଟ୍ଟନାୟକ



ମୋ ଗଲା ଆଇଲା ବାଟରେ
ଭରତିଆ ଘର,
ତା' ଚାଳିଆ ସହ ଭେଟ ପଡ଼ିବା
ଜରୁରୀ ମୋ ପାଇଁ
ନିୟମିତ ବାକି ସବୁ କାମ ପରି.... ।

କଳା ମଚମଚ ପିଚୁ ରାସ୍ତା
ଲମ୍ବିଯାଏ
ଶାଗୁଆ ଫିକି ଫିକି ପାହାଡ଼
ପାଦ ଛୁଇଁ
ଚାଳିଆ ତା' ସେଇଠି,
ମଥାନରେ ମାଳେ
କଖାରୁ ଫୁଲ,
ଚାରି ଛ' ପାଳ ଛତୁ
ଠିକ୍ ଗ୍ରାମ୍ୟ ଲଳନାର ମଥା ପରି
ହୋଇଥାଏ ଠିଆ
ମାତ୍ ଦେବାକୁ ଗୋଟେ
ଉଦ୍ଧତ ଯୌବନ ।

ଦୋଳିଟିଏ ଝୁଲୁଛି
ପାଖ ଆମ୍ବ ଗଛରେ
ଗଛର ଶୂନ୍ୟତାକୁ ପୂର୍ଣ୍ଣ କରି
ଦୂରରୁ କ୍ଷୀଣ ଶୁଣାଯାଏ
ଝୁଲା ଦୋଳିର ସାଇଁ ସାଇଁ ଶବ୍ଦ ସହ
ଭରତିଆ ସ୍ତ୍ରୀର ଗୀତ
ଯିଏ ପୂର୍ଣ୍ଣ କରୁଥାଏ
ଦୋଳିର ଶୂନ୍ୟତା



ହେ ବନ ଗିରି....
ହେ ଲତାଗିରି ।

ଦିନେ ଦିନେ ତାକୁ ଭେଟେ ତା'
ସିମେଣ୍ଟ ପାଣି କୁଣ୍ଡ ପାଖେ,
ଯୋଉଠି ସେ ଧୋଇ ଚାଲିଥାଏ
ଦୋକାନର ଅଇଁଠା ଚା' କପ୍ ଯେତେ
କାଛି ପିନ୍ଧିଥିବା ତା'
ନାଲି ଚୁଡ଼ିର ପ୍ରତିବିମ୍ବରେ
ରଂଗୀନ ହେଉଥାଏ କିଛି ସ୍ୱଚ୍ଛତା ବି... ।

ଗ୍ଲାସ୍ ଧୋଇବା ବି ଗୋଟେ କଳା,
ଯୋଉଠି
ହାତ, କାଚ, ପାଣି
ସବୁର ତାଳ ମେଳ ସଜାଡ଼ିବାକୁ ପଡ଼େ
ଗେରସ୍ତକୁ କାନିରେ ବାନ୍ଧି

ମନରୁ ମଇଳା ଝାଡ଼ିଲା ପରି
ଖୁବ୍ ଯତ୍ନରେ
ସଫା କରେ ସେ କାଚ ଗ୍ଲାସ୍ ।

ସଂଧ୍ୟା ଫେରନ୍ତାରେ ସେ ଲଗାଏ
ତା' ଚୁଲି
ଯୋଉଠୁ ଧୂଆଁ ଉଠେ
ଛୁଇଁବାକୁ ଆକାଶ
ଠିକ୍ ଭରତିଆର ସ୍ତ୍ରୀର ସ୍ୱପ୍ନ ପରି
ଯାହା ରୋଜ ରୋଜ
ଏଇ ଚୁଲିରେ ଜଳି ଜଳି
ଧୂଆଁ ହୁଏ
ଭରତିଆର ସ୍ତ୍ରୀ ହାରେନି
ଧୂଆଁ ନସରୁଣୁ
ସେ ପୁଣି ସ୍ୱପ୍ନ ଦେଖାରେ
ଲାଗିପଡ଼େ ।।

ଢେଙ୍କାନାଳ

# ଚାଲ୍

## ମାନିନୀ ମିଶ୍ର



ଚାଲ୍
ଆଉ ଥରେ ପାଗଳାମି କରିବା
ବଢ଼ି ନଇରେ ମଦୁଆ ନାଉରୀକୁ
ନଉକା ବନେଇବା ।

ତା' ଘରବାଲୀର ଘା' ସବୁକୁ
ଧୋଇଦେବା ବିଶଲ୍ୟକରଣୀରେ ।

ଚାଲ୍ ଆଉଥରେ
କାପାଳିକ ହେବା
ସାଧିବା ସେ ମନ୍ତ୍ର, ଯନ୍ତ୍ର, ଫନ୍ଦ ।

ଭେଣ୍ଡିଆ ଦାଦନର
ଦୁର୍ଭାଗ୍ୟ ସବୁକୁ
ଡର ଫର
ଛାତିର ଛନକା
ଏମିତିକି ଏ ପୋଡ଼ାମୁହାଁ
ଭୂତାଣୁ କାଳକୁ
କଂଟାପିଟି ଟାଙ୍ଗିଦେବା
ଘର ସାମ୍ନା ନିମ୍ବ ଗଛରେ ।

ଜହ୍ନ ପରି
ଡାହାଣୀ ଆଲୁଅରେ
ଗଣ୍ଠିଲିରେ ବାନ୍ଧି ଜାଳି ଦେବା

ଅଲରା ଚୁଟି, ନଖ, ଦାନ୍ତ
କୁରେଇ ଫୁଲର ବର୍ଷା ହେବ ।

କିଛି ନ ହେଲା ନାଇଁ
ଚାଲ୍ ପକ୍ଷୀ ହୋଇ ଉଡ଼ିଯିବା
ଶୀତୁଆ ପବନରେ
ଖୁଂପା ଖୁଂପି ହେଉଥିବା
ଆଉ ମୁଲ୍ ମୁଲ୍ ହସୁଥିବ
ପାହାଡ଼ର ଶିଖର ।

ଆଉ
ଗୋଟେ ବୁଢ଼ା ବରଗଛ
ଛନ୍ଦୁଣିରେ ଝଟକୁଥିବ
ଆକାଶର
ସିନ୍ଦୂର ବୋଳା କପାଳ ।

ଚାଲ୍.... ।।

ସବ୍‌ଡିଭିଜନ୍ ହସ୍‌ପିଟାଲ
ରେଢ଼ାଖୋଲ



## ବୈଶ୍ୱିକ ମହାମାରୀର.... (ପ୍ରଥମ ପୃଷ୍ଠାରୁ)

ବାୟୋଲଜି ପ୍ରତିଷ୍ଠାନରୁ ଯୋଗାଇ ଦିଆଯାଉଛି । ପୁଣେ ପ୍ରତିଷ୍ଠାନ ଆଇସିଏମ୍ଆର ଦ୍ୱାରା ପରିଚାଳିତ ହେଉଥିବା ବେଳେ ହାଇଦ୍ରାବାଦ ପ୍ରତିଷ୍ଠାନଟି ସିଏସ୍ଆର ଦ୍ୱାରା ପରିଚାଳିତ । ଛଅଟି ଭାରତୀୟ କଂପାନୀ ଏହି କରୋନା ପ୍ରତିଷେଧକ ଟିକା ତିଆରି କାମରେ ଲାଗିଛନ୍ତି । ସମଗ୍ର ବିଶ୍ୱରେ ଏଯାବତ୍ ବିକଶିତ ୧୪୦ ଟିକା ମଧ୍ୟରୁ ଦୁଇ ଭାରତୀୟ କରୋନା ଟିକା କୋଭାକ୍ସିନ ଓ ଜାଇକଭ-ଡି’କୁ ମିଶାଇ ୧୧ଟି ଏବେ ମଣିଷ ଶରୀରରେ ପରୀକ୍ଷା ହେବା ପର୍ଯ୍ୟାୟରେ ପହଂଚିଛି ।

ପାଥୋଜେନରୁ ଆଣ୍ଟିଜେନ ଏବଂ ମଣିଷର ରୋଗ ପ୍ରତିରୋଧ କୋଷ ଦ୍ୱାରା ପ୍ରସ୍ତୁତ ଆଣ୍ଟିବଡ଼ି (ରୋଗ ପ୍ରତିରୋଧ ଶକ୍ତି)କୁ ମିଶାଇ ଏକ ଅନୁକୂଳ ଯୋଡ଼ି ତିଆରି କରାଯାଇ ପାରିବ ବୋଲି ଆଶା କରାଯାଉଛି । ପ୍ରତ୍ୟେକ ପାଥୋଜେନରେ ନିର୍ଦ୍ଦିଷ୍ଟ ମଲିକୁଲାର ଷ୍ଟ୍ରକ୍‌ଚର୍ ସବୁ ଥାଏ, ଯାହା ଆଣ୍ଟିଜେନ୍ ନାମରେ ପରିଚିତ । ଏସବୁ ଏକ ନିର୍ଦ୍ଦିଷ୍ଟ ଡିଜାଇନ ବା ଆକାରର ଉପରିଭାଗ ସଦୃଶ । ଏହା ଥରେ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେଲେ ମଣିଷର ରୋଗ ପ୍ରତିରୋଧ ବ୍ୟବସ୍ଥାରେ ଆଣ୍ଟିବଡ଼ି ସୃଷ୍ଟି ହୁଏ । ଯାହା ଆଣ୍ଟିଜେନ୍ ସହିତ ଖାପ ଖାଏ । ଆମ ଶରୀରର ରୋଗ ପ୍ରତିରୋଧ ବ୍ୟବସ୍ଥାରେ ୧୦ ହଜାର ଆକାର, ପ୍ରକାର ଓ ରଙ୍ଗର ଆଣ୍ଟିବଡ଼ି ରହିଛି । ଯଦି ଶରୀର କ୍ଷତି ସାଧନ କରୁଥିବା କୌଣସି ପାଥୋଜେନ ଶରୀରରେ ପ୍ରବେଶ କରେ, ତେବେ ତାକୁ ଶତ୍ରୁ ଭାବେ ଚିହ୍ନଟ କରି ଆମର ଶରୀରର ପ୍ରାକୃତିକ ବ୍ୟବସ୍ଥା ନିଜ ପାଖରେ ମହଜୁଦ ଥିବା ପ୍ରତିରୋଧ ଶକ୍ତି ମଧ୍ୟରୁ ଉପଯୁକ୍ତ ପ୍ରତିରୋଧକ ବାହାର କରି ତାହାର ମୁକାବିଲା କରେ । ଯେତେବେଳେ ଉପଯୁକ୍ତ ପ୍ରତିରୋଧ ଶକ୍ତିର ସଂସ୍ପର୍ଶରେ ପାଥୋଜେନ ଆସେ ତାହା ନଷ୍ଟ ହୋଇଯାଇଥାଏ ଏବଂ ମଣିଷକୁ ଆଉ ସଂକ୍ରମିତ କରେ ନାହିଁ । ଏହି ପ୍ରକ୍ରିୟାକୁ ମ୍ୟାଚିଂ କୁହାଯାଏ ।

ତେବେ ମାଇକ୍ରୋ ଅର୍ଗାନିଜିମ୍ ଯଦି କୋଭିଡ୍-୧୯ ଭଳି ଅପରିଚିତ ହୋଇଥାଏ ଏବଂ ପ୍ରଥମ ଥର ପାଇଁ ଏହା ସୃଷ୍ଟି ହୋଇଥାଏ, ଶରୀରରେ ଥିବା ରୋଗ ପ୍ରତିରୋଧ ଶକ୍ତି ପାଖରେ ତାହାର ମୁକାବିଲା କରିବାକୁ ଆବଶ୍ୟକ ଅସ୍ତ୍ର ନଥାଏ । କିନ୍ତୁ କାଳକ୍ରମେ ଶରୀର ଏହି ଆଣ୍ଟିବଡ଼ି ତିଆରି କରେ ଏବଂ ଏହି ରୋଗ ପ୍ରତିରୋଧ ଶକ୍ତି ସୃଷ୍ଟି ହେଲେ ତାହା ଆଣ୍ଟିବଡ଼ି ଭାବେ କାର୍ଯ୍ୟ କରିଥାଏ । ଏହି ଆଣ୍ଟିବଡ଼ି ସୃଷ୍ଟି ପ୍ରକ୍ରିୟାରେ ମଣିଷର ସଂକ୍ରମଣ ସ୍ୱଳ୍ପ କିମ୍ବା ଗୁରୁତର ହୋଇଥାଏ । ରୋଗ ପ୍ରତିରୋଧ ବ୍ୟବସ୍ଥା ଶକ୍ତିଶାଳୀ ରହିଲେ ବାହ୍ୟ ଜୀବାଣୁ ବା ଭୂତାଣୁକୁ ଶୀଘ୍ର ନଷ୍ଟ କରିଥାଏ ଏବଂ ସଂକ୍ରମଣ ଦୂର କରିହୁଏ ।

ଟିକା ଏକ ବ୍ୟବସ୍ଥା, ଯଦ୍ୱାରା ମଣିଷ ଶରୀରରେ କୃତ୍ରିମ ଉପାୟରେ ରୋଗ ପ୍ରତିରୋଧ ଶକ୍ତି ପ୍ରବେଶ କରାଯାଇଥାଏ । ଏହି ପ୍ରକ୍ରିୟାରେ ଜୀବାଣୁର ଆଣ୍ଟିଜେନଗୁଡ଼ିକୁ ଶରୀର ଭିତରେ ପ୍ରବେଶ କରାଇଲେ ପ୍ରାକୃତିକ ଉପାୟରେ ଶରୀରରେ ଆଣ୍ଟିବଡ଼ି ପେୟାରିଂର ବିକାଶ ସହିତ ଇମୋଲୋଜିକାଲ ପ୍ରକ୍ରିୟା ସୃଷ୍ଟି ହୁଏ । ଏଥିପାଇଁ ବିଭିନ୍ନ ପ୍ରକାର ପଦ୍ଧତି ରହିଛି । କରୋନା ଭୂତାଣୁ କ୍ଷେତ୍ରରେ ଏହାର ଆଣ୍ଟିଜେନକୁ ମଣିଷର ରୋଗ ପ୍ରତିରୋଧ ବ୍ୟବସ୍ଥା ମଧ୍ୟରେ ପ୍ରବେଶ କରାଯାଇ ଶରୀରରେ ପ୍ରତିରୋଧ ବ୍ୟବସ୍ଥାକୁ ସଦୃଢ଼ କରାଯାଉଛି । ଏଥିପାଇଁ ବିଭିନ୍ନ ପ୍ରକାର ଆନୁବଂଶିକ ଓ ଅନ୍ୟାନ୍ୟ ଟେକ୍‌ନୋଲଜି ବ୍ୟବହୃଦ ହେଉଛି । ଭାରତରେ ଯେଉଁ ଦୁଇ ପଦ୍ଧତିରେ ଏହି ଟିକା ତିଆରି କରାଯାଉଛି, ତାହା ଇନ୍‌ଆକ୍ଟିଭେଟେଡ ଭାଇରସ୍ ଓ ଡିଏନ୍‌ଏ ପ୍ଲାଜମିଡ଼ ପଦ୍ଧତିରେ ବିକଶିତ ।

ଆମେ ସମସ୍ତ ଭୂତାଣକୁ ତାପ କିମ୍ବା ଫର୍ମାଲଡ଼ିହାଇଡ଼ ବ୍ୟବସ୍ଥାରେ ନିଷ୍କ୍ରିୟ କିମ୍ବା ନିଃଶେଷ କରିପାରିବା । ତେବେ ଏହି ପ୍ରକ୍ରିୟାରେ ଆଣ୍ଟିଜେନ ମଲିକୁଲାର ଷ୍ଟ୍ରକ୍‌ଚର୍ ଅକ୍ଷୁର୍ଣ୍ଣ ରହିବ । ଏହି ନିଷ୍କ୍ରିୟ ଭୂତାଣୁ ଆଉ ସଂକ୍ରମଣ କିମ୍ବା ରୋଗ ସୃଷ୍ଟି କରିବାକୁ ସମର୍ଥ ହେବେ ନାହିଁ କାରଣ ସେସବୁର ସାମର୍ଥ୍ୟ ନଥିବ । ଭାରତ ବାୟୋଟେକ୍‌ର କୋଭାକ୍ସିନ୍ ଟିକା ଏହି ଭୂତାଣୁକୁ ବ୍ୟବହାର କରୁଛି । କରୋନା ଆକ୍ରାନ୍ତ ଜଣେ ରୋଗୀଙ୍କଠାରୁ ଅଲଗା କରାଯାଇଥିବା ଭୂତାଣୁକୁ ଜାରତୀୟ ଭୂତାଣୁ ବିଦ୍ୟା ପ୍ରତିଷ୍ଠାନ ବିକଶିତ କରି ଇନଆକ୍ଟିଭେଟେଡ ଭାଇରସ୍ ଭେକ୍‌ସିନ ପ୍ରସ୍ତୁତ କରିଛି ।

କରୋନା ଭୂତାଣୁର ଉପରି ଭାଗରେ ଯେଉଁ ସ୍ପାଇକ (କ୍ଷୁଦ୍ର ଖୁଣ୍ଟି) ସବୁ ରହିଛି ତାହା ପ୍ରୋଟିନରେ ଆଚ୍ଛାଦିନ । ଏହି ଭୂତାଣୁ ମଣିଷ ଶରୀରରେ ପ୍ରବେଶ କଲେ ଏହି ପ୍ରୋଟିନଯୁକ୍ତ ସ୍ପାଇକଗୁଡ଼ିକ ଶ୍ୱାସତନ୍ତ୍ରର ବିଭିନ୍ନ ସ୍ଥାନକୁ ଅଠାପରି କାମୁଡ଼ି ଧରେ । ଏହାପରେ ଏହି ଭୂତାଣୁ ମଣିଷର ବିଭିନ୍ନ କୋଷକୁ ଆକ୍ରାନ୍ତ କରି ରୋଗ ସୃଷ୍ଟି କରିଥାଏ । ଭୂତାଣୁର ଜୀବନ ନାଟିକା ହେଉଛି ଏହି ସ୍ପାଇକ । ସେହିଗୁଡ଼ିକୁ ଅକାମୀ କରିଦେଲେ ଏହାର ମୃତ୍ୟୁ ଘଟେ । ଗୋଟିଏ କରୋନା ଭୂତାଣୁ ମଣିଷ ଶରୀରରେ ଥରେ ପ୍ରବେଶ କଲେ ୧୦ ଘଣ୍ଟାରେ ଏହାର ଏକ ହଜାର ପ୍ରତିରୂପ ସୃଷ୍ଟି କରି ମଣିଷର ସମଗ୍ର କୋଷ ବ୍ୟବସ୍ଥାକୁ କାବୁ କରିନିଏ ଏବଂ ଶେଷରେ ରୋଗକୁ ମୃତ୍ୟୁମୁଖରେ ପକାଏ । ଏବେ ଯେଉଁ ଟିକା ବିକଶିତ ହେଉଛି ତାହା ଏହି ସ୍ପାଇକ୍ ପ୍ରୋଟିନକୁ ନଷ୍ଟ କରିବାକୁ ଉଦ୍ଦିଷ୍ଟ । ଏହା ଫଳରେ ଭୂତାଣୁ କୋଷକୁ କାମୁଡ଼ି ଧରିପାରିବ ନାହିଁ କିମ୍ବା ନିଜର ସଂଖ୍ୟା ବୃଦ୍ଧି କରିପାରିବ ନାହିଁ ।

ସ୍ପାଇକ ପ୍ରୋଟିନର ଜେନୋମିକ କୋଡ଼କୁ ଏକ ନିରୀହ ନିଏନ୍‌ଏ ପ୍ଲାଜମିଡ଼ ସହ ବାନ୍ଧି ଦିଆଯାଏ । ଏହି ପରିବର୍ଦ୍ଧିତ ପ୍ଲାଜମିଡ଼ ଡିଏନ୍‌ଏ ଭାଇରାଲ ସ୍ପାଇକ ପ୍ରୋଟିନର ଜେନେଟିକ କୋଡ଼କୁ ମଣିଷ କୋଷରେ ପ୍ରବେଶ କରାଯାଏ । ଏହା ପରେ ସେଲୁଲାର ବ୍ୟବସ୍ଥା ଡିଏନ୍‌ଏର ଅନୁବାଦ କରି ଜେନୋମରେ ଏନ୍‌କୋଡ଼ ହୋଇଥିବା ଭାଇରାଲ ପ୍ରୋଟିନ ଉତ୍ପାଦନ ପାଇଁ ନିର୍ଦ୍ଦେଶ ଦିଏ । ଏହି ପ୍ରକ୍ରିୟାରେ ମଣିଷର ରୋଗ ପ୍ରତିରୋଧ ବ୍ୟବସ୍ଥା ବିଜାତିକ ପ୍ରୋଟିନକୁ ଚିହ୍ନଟ କରି ଏହା ବିରୋଧରେ ଉପଯୁକ୍ତ ଆଣ୍ଟିବଡ଼ି ସୃଷ୍ଟି କରେ । ଏହି ଟିକା ନେବା ପରେ ଆମେ ଯଦି କୌଣସି ସମୟରେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହେବା, ସେତେବେଳେ ସ୍ପାଇକ ପ୍ରୋଟିନକୁ ଠାବ କରି ଶରୀରରୁ ତୁରନ୍ତ ରୋଗ ପ୍ରତିରୋଧ ଶକ୍ତି ସୃଷ୍ଟି ହେବ । ଫଳରେ ଭୂତାଣୁକୁ ଏହି ପ୍ରତିରୋଧ ବ୍ୟବସ୍ଥା ଦ୍ୱାରା ତୁରନ୍ତ ନିଃଶେଷ କରାଯାଇ ପାରିବ । ଏହା ଫଳରେ ମଣିଷ ସଂକ୍ରମିତ ହେବନି କିମ୍ବା ରୋଗ ମହାମାରୀ ରୂପ ନେବନାହିଁ ।

## ରୋଟାରୀ କ୍ଲବ ଅଫ ବଲାଙ୍ଗିର ସେଣ୍ଟ୍ରାଲ ତରଫରୁ ରକ୍ତଦାନ ଶିବିର




ବଲାଙ୍ଗିର, (ନିପ୍ର) : ରୋଟାରୀ କ୍ଲବର ନୂତନ ସଭାପତି ଭାବରେ ଇଂ ମନୋଜ ଜୈନ ଦାୟିତ୍ୱ ନେଇଥିବାରୁ ଭୀମଭୋଇ ହସ୍‌ପିଟାଲର ରକ୍ତ ଭଣ୍ଡାର ଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୪୫ ୟୁନିଟ ରକ୍ତ ସଂଗ୍ରୀତ ହୋଇଥିଲା । ଏହି କ୍ଲବର ପ୍ରତିଷ୍ଠାତା ରୋଟାରୀଏନ ବିଷ୍ଣୁପ୍ରସାଦ କେଡିଆ ସର୍ବ ପ୍ରଥମେ ରକ୍ତଦାନ କରିଥିଲେ । ଏହି ଶିବିରକୁ ସଫଳ କରିବା ପାଇଁ ଆସିଷ୍ଟାଣ୍ଟ ଗଭନର ସଂଜୟ ଅଗ୍ରୱାଲ, ପ୍ରୋଜେକ୍ଟ ଡାଇରେକ୍ଟର ରାଜକୁମାର ଅଗ୍ରୱାଲ, କ୍ଲବ ସମ୍ପାଦକ ମନୋଜ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ଶୈଲେସ ଜୈନ ତଥା ନିବର୍ତ୍ତମାନ ସଭାପତି ଦିନେଶ ଅଗ୍ରୱାଲ, ଭଜନ ଅଗ୍ରୱାଲ, ମୋହନ ଅଗ୍ରୱାଲ, ଅଚ୍ୟୁତ ମେହେର, ରାଜୀବ ହୋତା, ରୋଶନ ପ୍ରସାଦ ଅଗ୍ରୱାଲ, ରଞ୍ଜିତ ଅଗ୍ରୱାଲ, ଶୈଲେସ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ରାଜେଶ ମଳଙ୍ଗ, ଅମର ମଳଙ୍ଗ, ହରିବନ୍ଧୁ ନାଏକ, ଦିପକ ଜୈନ, ବିରେନ୍ଦ୍ର ଭମର, ଲୋକନାଥ ଶର୍ମା, ନାରାୟଣ ଅଗ୍ରୱାଲ, ସଞ୍ଜିବ ଅଗ୍ରୱାଲ, ହରେକୃଷ୍ଣ ସାହା, ପୁରୁଷୋତ୍ତମ ଅଗ୍ରୱାଲ, ସବିତା ଅଗ୍ରୱାଲ ତଥା ତାଙ୍କ ଝିଅ ରାଧକା ଅଗ୍ରୱାଲ ପ୍ରମୁଖ ରକ୍ତଦାନ କରିଥିଲେ । ମେଡିକାଲ କଲେଜର ସୁପରିଟେଣ୍ଟ୍ ଡ. ମହେନ୍ଦ୍ର କୁମାର ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ । ଏହି ଅବସରରେ ସଭାପତି ଇଂ ଜୈନ ସମସ୍ତ ରକ୍ତଦାତା ମାନଙ୍କୁ ରୋଟାରୀ ଲଗୋ ଥିବା ମାସ୍କ ବଣ୍ଟନ କରିଥିଲେ । ସଭାପତି ଇଂ ଜୈନ ଏହି ସପ୍ତାହରେ ବନୋ ମହୋତ୍ସବ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ । ମାରୱାଡି ମହିଳା ସମିତିର ଅଧକ୍ଷା ନିରୁ ଅଗ୍ରୱାଲ ଓ ସମୃଦ୍ଧି ଶାଖାର ପୂଜା ଅଗ୍ରୱାଲ ତାଙ୍କ କର୍ମକର୍ତ୍ତାଙ୍କ ସହିତ ଉପସ୍ଥିତ ଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ବନ ମହୋତ୍ସବ ପାଳିତ

ପୁଇଁତଲା, (ନିପ୍ର) : ପ୍ରାକୃତିକ ଜଙ୍ଗଲ କ୍ଷୟ ଦ୍ୱାରା ସୃଷ୍ଟି ସମସ୍ୟାର ସମାଧାନ ପାଇଁ ପ୍ରତି ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ଆମ ଦେଶରେ ବନ ମହୋତ୍ସବ ସପ୍ତାହ ପାଳିତ ହୁଏ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପୁଇଁତଲା ବ୍ଲକ ଅନ୍ତର୍ଗତ ରାମଜୀ ହାଇସ୍କୁଲ, କୁରୁଲ ଓ ନିଧି ସାଗର ବିଦ୍ୟାପୀଠ, ବୁଡେଲ ଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ରାମଜୀ ଉଚ୍ଚ ବିଦ୍ୟାଳୟ, କୁରୁଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦେବାଶିଷ ଦାଶ, ପ୍ରଥମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ଶର୍ମା, ପ୍ରଥମ ବିଭାଗୀୟ ମାଜିଷ୍ଟ୍ରେଟ ଅଭିନାଶ ନନ୍ଦ, ସ୍ୱତନ୍ତ୍ର ବିଭାଗୀୟ ମାଜିଷ୍ଟ୍ରେଟ ରମେଶ ଚନ୍ଦ୍ର ରାୟଗୁରୁ, ସହକାରୀ ବନ ସଂରକ୍ଷକ ଅଧିକାରୀ ବାବାଜି ଚରଣ ରାଉଳ, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଆଇ.ଆଇ.ସି, ପୁଇଁନ୍ତଳା ବି. ରୁଦ୍ରିୟା ପ୍ରମୁଖ ଯୋଗ ଦେଇ ବନ୍ଧୁ ଭାବରେ ଜଙ୍ଗଲ ମାନବ ସମାଜର ବହୁ ଉପକାର ସାଧନ କରୁଛି ବୋଲି କହିବା ସହ ସ୍ଥାନୀୟ ଜନ ସାଧାରଣଙ୍କ ସହଯୋଗ ବିନା ଜଙ୍ଗଲ ର ସୁରକ୍ଷା ଅସମ୍ଭବ ବୋଲି କହିଥିଲେ । ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦେବାଶିଷ ଦାଶ ନିଜ ବକ୍ତବ୍ୟରେ ବୃକ୍ଷ ରୋପଣ ପରେ ଯତ୍ନର ଅଭାବରୁ ଚାରା ବୃକ୍ଷ ଗାଈ, ଗୋରୁ, ଛେଳିଙ୍କ ଆହାର ହୁଏ ବା ଶୁଖି ମରିଯାଏ ଏଥିପ୍ରତି ଆମେ ଯତ୍ନବାନ ହେବା ବୋଲି କହିଥିଲେ । ପରେ ସମସ୍ତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀ ମାନେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ । ପ୍ରକୃତି ବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଇଁନ୍ତଳା ବିଇଓ ନେପାଳ ଚନ୍ଦ୍ର ବାଗ, ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନିଳମଣୀ ପଟେଲ, ପ୍ରକୃତି ବନ୍ଧୁ ଶିକ୍ଷକ ରଞ୍ଜିତ ମିଶ୍ର, ରେଞ୍ଜ ଅଫିସର ବିଜୟ କୁମାର ଖୁଣ୍ଟିଆ, ଫରେଷ୍ଟର ବ୍ୟାସଦେବ ସାହୁ, ଥନ ସୁନ୍ଦର ଧରୁଆ, ରମେଶ ଚନ୍ଦ୍ର ରାୟଗୁରୁ, ଶିକ୍ଷକ ଅମରଦୀପ ପାଣିଗ୍ରାହୀ, ବାସୁଦେବ ସାହୁ, ରାମ କୁମାର ରାଉତ୍, ସୁକଦେବ ପଟେଲ, ନକୁଳ ନାଏକ, ସୁରେନ ନାଏକ, ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ଆଭା ଆର୍ଯ୍ୟା, ମମତାମୟୀ ମିଶ୍ର, ସୁରେଶ୍ୱରୀ ବିଶି, ମହାଦେବ ତୁମୁଲିଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ସମୀର ରଂଜନ ପ୍ରଧାନ, ସୁବ୍ରତ ନେପାକ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତୀୟ ଯବାନଙ୍କ ସହ ମତ ବିନିମୟ .......... (ଦ୍ୱିତୀୟ ପୃଷ୍ଠାରୁ)

ଆସିଛି । ଦେଶର ପ୍ରଗତି ଓ ଶାନ୍ତିର ରାସ୍ତାରେ ଯେଉଁମାନେ ଅନ୍ତରାୟ ସୃଷ୍ଟି କରିଛନ୍ତି, ସେମାନଙ୍କୁ ଭାରତ ଦୃଢ଼ ଜବାବ ଦେଇଛି । ସେ କହିଛନ୍ତି ଭାରତ ଶାନ୍ତି ଓ ବନ୍ଧୁତ୍ୱ ପାଇଁ ଅଙ୍ଗୀକାରବଦ୍ଧ ହେଲେ ଏହା ଆମର ଦୁର୍ବଳତା ନୁହେଁ । ଜଳ, ଆକାଶ ଓ ମହାକାଶରେ ଆମ ସେନାର ଶକ୍ତି ଯୋଗୁ ଆଜି ଭାରତ ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି । ଅସ୍ତ୍ରଶସ୍ତ୍ର ଆଧୁନିକୀକରଣ ଓ ଉନ୍ନତ ଭିତ୍ତିଭୂମି ଯୋଗୁଁ ଆମର ପ୍ରତିରକ୍ଷା ସାମର୍ଥ୍ୟ ବହୁଗୁଣିତ ହୋଇପାରିଛି । ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ ସମେତ ବିଶ୍ୱର ଅନ୍ୟାନ୍ୟ ସାମରିକ ଅଭିଯାନରେ ଆମ ସୈନ୍ୟମାନଙ୍କ ସାହସିକତା ଓ ପରାକ୍ରମର ଇତିହାସ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିସ୍ତାରବାଦ ଯୁଗ ଆଉ ନାହିଁ । ବର୍ତ୍ତମାନ ବିକାଶ ଯୁଗ ଚାଲିଛି । ବିସ୍ତାରବାଦୀ ଚିନ୍ତାଧାରା ଅତୀତରେ ପ୍ରବୃତ୍ତ କ୍ଷତି ସାଧନ କରିଛି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଗତ କିଛି ବର୍ଷ ମଧ୍ୟରେ ଆମ ସେନା ପାଇଁ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଓ ସେନାକୁ ସୁରକ୍ଷା ଦୃଷ୍ଟିରୁ ସଦାସର୍ବଦା ଜାଗ୍ରତ ରଖାଯାଇଛି । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଗ୍ରହଣ, ସୀମା ଭିତ୍ତିଭୂମି ବୃଦ୍ଧି, ସୀମା ସଡ଼କ ବିକାଶ ଓ ସଂପ୍ରସାରଣ ଯୋଗୁ ଏହା ସମ୍ଭବ ହୋଇଛି । ସୀମାନ୍ତ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପୂର୍ବାପେକ୍ଷା ତିନିଗୁଣ ଅଧିକ ଖର୍ଚ୍ଚ କରାଯାଇଛି । ପ୍ରଧାନମନ୍ତ୍ରୀ ଜାତୀୟ ନିରାପତ୍ତା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସଶସ୍ତ୍ର ସେନାର କଲ୍ୟାଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ନିକଟରେ ସିଡ଼ିଏସ୍ ପଦବୀ ସୃଷ୍ଟି, ଭବ୍ୟ ଜାତୀୟ ଯୁଦ୍ଧ ସ୍ମାରକୀ ନିର୍ମାଣ ଓ ବହୁଦିନ ପରେ ୱାନ ରାଙ୍କ ୱାନ ପେନସନ ଯୋଜନାକୁ କାର୍ଯ୍ୟକାରୀ କରି ସଶସ୍ତ୍ର ସେନା ଏବଂ ସେମାନଙ୍କ ପରିବାରବର୍ଗଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ଦିଆଯାଇଛି । ସେନାବାହିନୀ ସହ ମତବିନିମୟ କାଳରେ ପ୍ରଧାନମନ୍ତ୍ରୀ ଲଦାଖର ମହାନ ସଂସ୍କୃତିକୁ ସ୍ମରଣ କରିବା ସହ କୁଶୋକ ବାକୁଲ ରିମପୋଚେଙ୍କ ସାଧୁବାଣୀ ପ୍ରତି କୃତଜ୍ଞତା ଜଣାଇଥିଲେ । ଲଦାଖକୁ ଏକ ତ୍ୟାଗ ଓ ଦେଶଭକ୍ତଙ୍କ ଭୂମି ଭାବେ ବର୍ଣ୍ଣନା କରିଥିଲେ । ଭାରତବାସୀ ଗୌତମ ବୁଦ୍ଧଙ୍କ ବାଣୀ ଦ୍ୱାରା ଅନୁପ୍ରାଣିତ ଓ ସେମାନଙ୍କ ସାହସ ଦୃଢ଼ ମନ ଓ ଅନୁକଂପା ସହ ଯୋଡ଼ି ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ ।

## ପେଟ୍ରୋଲ ଓ ଡିଜେଲ୍ ଦରହ୍ରାସ... (ତୃତୀୟ ପୃଷ୍ଠାରୁ)

କମାଇବା ପାଇଁ ଲୋଇସିଂହା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଲୋଇସିଂହା ବିଡିଓଙ୍କ ହାତରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି ମାନନୀୟ ଶ୍ରୀଯୁକ୍ତ ରାମନାଥ କୋବିନ୍ଦଙ୍କୁ ଏକଦାବୀ ପତ୍ର ପ୍ରଦାନ କରିଛନ୍ତି । ଲୋଇସିଂହା ବ୍ଲକ ୩୩ ନମ୍ବର ଜୋନ ସଭାପତି ସରୋଜ ବିଶ୍ୱାଲ ଓ ଯୁବନେତା ନବକିଶୋର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦିଲିପ କୁମାର ବେହେରା ସମେତ ୩୪ ନମ୍ବର ଜୋନ ସଭାପତି ସାନ୍ତନୁ ସିଂ, ପୁର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ଶିବ କୁମାର ଅଗ୍ରୱାଳ, ବିଭୁତି ପଧାନ, ଭାଗବତିଆ ଭୋଇ ପ୍ରମୁଖ ସାମିଲ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ରହି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ ।

## ବଲାଙ୍ଗିର ପୌରପାଳକା ପକ୍ଷରୁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଆରମ୍ଭ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ପୌରପାଳିକା ପକ୍ଷରୁ ବିଜାଖମନ ଠାରେ ସହରରୁ ବାହାରୁ ଥିବା ନିତିଦିନ ବର୍ଜ୍ୟ ବସ୍ତୁର ସୁପରିଚାଳନା ପାଇଁ ଗତ ୧୬ ତାରିଖ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଶୁଭାରମ୍ଭ କରିଛନ୍ତି । ଦୈନିକ ସହରର ପ୍ରାୟ ୫ଟନ ବିଭିନ୍ନ ବର୍ଜ୍ୟ ବସ୍ତୁର ସୁପରିଚାଳନା ହେବା ସହ ପ୍ରକ୍ରିୟା କରଣ ହୋଇ କମ୍ପୋଷ୍ଟ ଖତକୁ ବିଭିନ୍ନ ଚାଷ ଜମିମାନଙ୍କରେ ବ୍ୟବହାର କରାଯିବ । ପୌରାଞ୍ଚଳରେ କ୍ରମାଗତ ଭାବେ ଲୋକ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେହି ଅନୁସାରେ ପ୍ରତିଦିନ ବହୁ ପରିମାଣର ବିଭିନ୍ନ ପ୍ରକାର ବର୍ଜବସ୍ତୁ ବାହାରୁଛି । ପୌରପାଳିକା ପକ୍ଷରୁ ଏକ ଏକର ପରିମିତ ଜମିରେ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କମ୍ପୋଷ୍ଟିଂ ସେଣ୍ଟର ନିର୍ମାଣ କରାଯାଇଛି । ଆବଶ୍ୟକୀୟ ମେସିନ ଆସିବା ପରେ ଏହା ପୁର୍ଣ୍ଣ କାର୍ଯ୍ୟକ୍ଷମ ହେବ । ଏଥିସହ ଆଗକୁ ଆହୁରି ୨ଟି ୟୁନିଟ ନିର୍ମାଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଦୀପ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ଷମରେ ସରୁପ ପଣ୍ଡା, ସ୍ମିତି ସ୍ୱାଇଁ, ରୋଜାଲିନ ରାଉତ, ତଥା ପୌରପାଳିକାର କର୍ମଚାରୀ ଉପସ୍ଥିତ ଥିଲେ ।

## ହାତୀଶାଳପଡ଼ା କନ୍‌ଟେନ୍‌ମେଂଟ୍ ଜୋନ୍‌ରେ ଭୋକ ଉପବାସରେ......(ପ୍ରଥମ ପୃଷ୍ଠାରୁ)



ସେ ଅଂଚଳର ପ୍ରଥମ ପଜେଟିଭ୍ ପ୍ରଫୁଲ୍ଲ ବାଗ ସୁସ୍ଥ ହୋଇ ଯାଇଛନ୍ତି ବୋଲି ତାଙ୍କୁ ପୁଣି ତାଙ୍କ ବାସସ୍ଥାନକୁ ପ୍ରଶାସନ ଦ୍ୱାରା ପହଂଚା ଯାଇଥିବା ବେଳେ ତାଙ୍କର ଏ ପର୍ଯ୍ୟନ୍ତ ରୋଗ, କାଶ ଠିକ୍ ହୋଇ ନଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ଲୋକେ କହୁଛନ୍ତି, ତାଙ୍କୁ ପୁନଃ ଟେଷ୍ଟ କରି ନେଗେଟିଭ୍ ରିପୋର୍ଟ ମଧ୍ୟ ଦିଆ ଯାଇନାହିଁ । ଫଳରେ ଅଂଚଳରେ ସଂକ୍ରମଣ ଆଶଂକା ଆହୁରି ବଢ଼ିବ ବୋଲି ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି । ପ୍ରଶାସନର ଏଥିପ୍ରତି ବିଶେଷ ଦୃଷ୍ଟି ରଖିବାକୁ ଦାବୀ ହେଉଛି ।

# ବିପିୟୁଟିର ଅନ୍‌ଲାଇନ୍ ପରୀକ୍ଷା କରିବା ନିଷ୍ପତ୍ତିକୁ ଏଆଇଡିଏସ୍‌ଓ ପକ୍ଷରୁ ଦୃଢ ବିରୋଧ

ବଲାଙ୍ଗିର, (ନିପ୍ର) : କରୋନା ମହାମାରୀ ବର୍ତ୍ତମାନ ଭୟଙ୍କର ରୂପ ଧାରଣ କରୁଥିବା ବେଳେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱ ବିଦ୍ୟାଳୟ (ବିପିୟୁଟି) କର୍ତ୍ତୃପକ୍ଷ ଅନ୍‌ଲାଇନ ପରୀକ୍ଷା କରିବା ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି, ତାହାକୁ ଏଆଇଡିଏସ୍‌ଓ ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ଦୃଢ ବିରୋଧ କରାଯାଇଛି । ସଂଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଏବଂ ସଂପାଦକ ସୁବାସ ନାୟକ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଅନ୍‌ଲାଇନ ପରୀକ୍ଷା ପରିଚାଳନା କରିବା ପାଇଁ ବିପିୟୁଟି କର୍ତ୍ତୃପକ୍ଷ ସୁଦୀର୍ଘ ୨୩ ପୃଷ୍ଠା ବିଶିଷ୍ଟ ଯେଉଁ ନିୟମାବଳୀ ଜାରି କରିଛନ୍ତି ତାହାକୁ ବର୍ତ୍ତମାନ ଲକ୍‌ଡାଉନ ପରିସ୍ଥିତିରେ ରାଜ୍ୟର ବିଭିନ୍ନ ପ୍ରାନ୍ତ ଏପରିକି ରାଜ୍ୟ ବାହାରେ ଥିବା ହଜାର ହଜାର ଛାତ୍ରଛାତ୍ରୀମାନଙ୍କ ପକ୍ଷରେ ପାଳନ କରିବା ଏକ ଅସମ୍ଭବ ବ୍ୟାପାର । ସରକାରଙ୍କର ଏହି ନିୟମାବଳୀ ଅନୁଯାୟୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏକ କମ୍ପ୍ୟୁଟର, ୱେବ୍ କ୍ୟାମ୍, ଇଂଟରନେଟ୍ ଏବଂ ତିନି ଘଂଟାର ଲଗାତର ବିଦ୍ୟୁତ ସଂଯୋଗ ଆଦିର ଆବଶ୍ୟକତା ରହିଛି । ଏହି ନିୟମାନୁସାରେ ଦୁଇ ଘଂଟାର ଏହି ପରୀକ୍ଷା ଚାଲୁଥିବା ସମୟରେ ମାତ୍ର ୧୫ ମିନିଟ ପାଇଁ ଯଦି କୌଣସି ପରୀକ୍ଷାର୍ଥୀଙ୍କର ନେଟ୍‌ୱାର୍କ ସମସ୍ୟା, ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କିମ୍ବା ଯେ କୌଣସି ଯାନ୍ତ୍ରିକ ତୃଟି ଦେଖାଯାଏ ତେବେ ତାଙ୍କ ପରୀକ୍ଷାକୁ ଅସିଦ୍ଧ ଘୋଷଣା କରାଯିବ । ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି, ଏଥିରୁ ସହଜରେ ଅନୁମେୟ ଯେ, ଏହି ସମସ୍ତ ନିୟମାବଳୀକୁ ଆମ ରାଜ୍ୟର ଗ୍ରାମାଂଚଳର ଛାତ୍ରଛାତ୍ରୀମାନଙ୍କ କଥା ଛାଡନ୍ତୁ ଏପରିକି ସହରାଂଚଳରେ ବସବାସ କରୁଥିବା ଛାତ୍ରଛାତ୍ରୀମାନଙ୍କ ପକ୍ଷରେ ପାଳନ କରିବା ଅସମ୍ଭବ । ଅତ୍ୟନ୍ତ ଅବୈଜ୍ଞାନିକ ଭାବରେ ଏହି ଅନ୍‌ଲାଇନ ପରୀକ୍ଷା ଛାତ୍ରଛାତ୍ରୀମାନେ ପୂର୍ବରୁ କେବେ ବି ଅଭ୍ୟସ୍ତ ନ ଥିବା ଏକ ଆର୍ଟିଫିସିଆଲ ଇଂଟେଲିଜେନ୍ସ ମାଧ୍ୟମରେ ପରିଚାଳିତ ହେବ । ଫଳରେ ଯେ କୌଣସି ମୂହୁର୍ତ୍ତରେ କିଛି ଯାନ୍ତ୍ରିକ ତ୍ରୁଟି ଫଳରେ ଏହା ଯଦି ଭୁଲ ରିଡିଂ ପ୍ରଦାନ କରେ ତେବେ ହଜାର ହଜାର ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବ । ଏଣୁ ଅନ୍‌ଲାଇନ ଜରିଆରେ ପରୀକ୍ଷା କରିବାର ଏହି ଅତ୍ୟନ୍ତ ତୃଟିପୂର୍ଣ୍ଣ, ଅବୈଜ୍ଞାନିକ ଓ ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ବିପିୟୁଟି କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାର ଅବିଳମ୍ବେ ବାତିଲ କରିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଦୃଢ ଦାବୀ କରାଯାଇଛି । ନଚେତ ଆଗାମୀ ଦିନରେ ଯେଉଁ ପରିସ୍ଥିତି ଉପୁଜିବ ସେଥି ପାଇଁ ରାଜ୍ୟ ସରକାର ଓ ବିପିୟୁଟି କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଦାୟୀ ରହିବେ ବୋଲି ଏଆଇଡିଏସ୍‌ଓ ବଲାଙ୍ଗିର ଜିଲ୍ଲା କମିଟି ସଭାପତି ରାଜେନ୍ଦ୍ର ରଣା, ସଂପାଦକ ମଧୁସୁଦନ ବାଗ ଚେତାବନୀ ଦେଇଛନ୍ତି ।

# ସାବିତ୍ରୀବାଇ ଫୁଲେ ମହିଳା ସଂଗଠନ ତରଫରୁ ୭ଦଫା ଦାବୀପତ୍ର ପ୍ରଦାନ

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଭିମଭୋଇ ଚେୟାର ପାଇଁ ଦାବୀ



ବଲାଙ୍ଗିର, (ନିପ୍ର) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପକୁଳପତି ଏବଂ ଅନ୍ୟାନ୍ୟ ପଦବୀ ପୂରଣ କରି ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଉପକୁଳପତିଙ୍କ ଉଦ୍ଦେଶ୍ୟରେ ପଶ୍ଚିମ ଓଡିଶା ସାବିତ୍ରୀବାଇ ଫୁଲେ ସଂଗଠନ ତରଫରୁ ୭ ଦଫା ଦାବୀପତ୍ର ପ୍ରଦାନ କରାଯାଇଅଛି । ଅନୁଷ୍ଠାନର ସଭାପତି ଚମ୍ପା ନାଗ ଏବଂ ଉପ-ସଭାପତି ଶୁଭଦ୍ରା ସୁନା ରାଜେନ୍ଦ୍ର ମହାବିଦ୍ୟାଳୟ ଅଧକ୍ଷଙ୍କ ଜରିଆରେ ଏହି ଦାବୀପତ୍ର ପ୍ରଦାନ କରିଅଛନ୍ତି । ବଲାଙ୍ଗିର ପରି ଅନୁନ୍ନତ ଦଳିତ ଆଦିବାସୀ ବହୁଳ ଜିଲ୍ଲାରେ ଶିକ୍ଷାର ବିକାଶ ହେଲେ ହିଁ ଅଂଚଳର ଉନ୍ନତି ହେବ । ଏଣୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଏ ଅଂଚଳର ଅନେକ କିଛି ନିର୍ଭର କରେ । ଦାବୀ ସମୂହ ରାଜ୍ୟର ଅନେକ ବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟରେ ଅନୁସୂଚୀତ ଜାତି, ଜନଜାତି ବିଭାଗ ତରଫରୁ ଛାତ୍ରଛାତ୍ରୀ ନିବାସ ରହିଥିଲେ ମଧ୍ୟ ରାଜେନ୍ଦ୍ର ମହାବିଦ୍ୟାଳୟରେ ନାହିଁ । ଏଣୁ ରାଜେନ୍ଦ୍ର ମହାବିଦ୍ୟାଳୟ ଏବଂ ସରକାରୀ ମହାବିଦ୍ୟାଳୟରେ ଛାତ୍ରାବାସ ନିର୍ମାଣ କରାଯାଉ । ବିପ୍ଳବୀ କବି ଭୀମ ଭୋଇଙ୍କ ନାମରେ ଏକ ଚେୟାର ସ୍ଥାପନ କରିବା ସଙ୍ଗେ ସଙ୍ଗେ ତାଙ୍କ ବିଷୟରେ ଅଧିକ ଗବେଷଣ କରାଯାଉ । ଅଧ୍ୟାପକ, ଷ୍ଟାଫ୍ ବିଶ୍ୱବିଦ୍ୟାଳୟ ସହିତ ସମସ୍ତ ମହାବିଦ୍ୟାଳୟରେ ପୂରଣ କରାଯାଉ । ଅଧ୍ୟାପକ, ଷ୍ଟାଫ୍, ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉ । ସରକାରୀ ମହିଳା ମହାବିଦ୍ୟାଳୟରେ ସମସ୍ତ ବିଷୟରେ ପି.ଜି. ପାଠ୍ୟକ୍ରମ ଖୋଲାଯାଉ । ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା କୋଚିଂ ସେଂଟର ଖୋଲାଯାଉ । ୟୁପିଏସ୍‌ସି / ଓପିଏସ୍‌ସି ପରୀକ୍ଷାରେ ଯେପରି ଭାବରେ ଛାତ୍ରଛାତ୍ରୀ ସଫଳତା ପାଇବେ ସ୍ୱତନ୍ତ୍ର ଭାବରେ ଶିକ୍ଷାଦାନ କରାଯାଉ । ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ସହିତ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟରେ ର୍‍ୟାଗିଂ ମୁକ୍ତ କରାଯାଉ । ବିଶେଷ ଭାବରେ ମହିଳାଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ଇତ୍ୟାଦି ଦାବୀ ରହିଛି ।

ସୂଚନାଯୋଗ୍ୟ ଯେ, ସାବିତ୍ରୀବାଇ ଫୁଲେ ମହିଳା ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି, ଯାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ।




Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com